

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୧୭ ଅଗଷ୍ଟ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 17 AUGUST 2021
Vol.No. 32 ■ No. 209 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଆଫଗାନିସ୍ତାନକୁ ପୁଣି ଫେରିଲା ତାଲିବାନ ଯୁଗ

## ରାଜଧାନୀ କାବୁଲକୁ କଲେ ଅକ୍ତିଆର
## ଆଫଗାନିସ୍ତାନ ଛାଡ଼ିଲେ ରାଷ୍ଟ୍ରପତି ଅସରଫ ଘନି



ନୂଆଦିଲ୍ଲୀ,୧୬/୦୮: ଆଫଗାନିସ୍ତାନକୁ ପୁଣି ଫେରିଲା ତାଲିବାନ ଯୁଗ । ରାଜଧାନୀ କାବୁଲକୁ ନିଜ ନିୟନ୍ତ୍ରଣକୁ ନେବା ପରେ ଏବେ ପ୍ରେସିଡେଂଟ ପ୍ୟାଲେସରେ ପ୍ରବେଶ କରିଛନ୍ତି ତାଲିବାନି । ରାଷ୍ଟ୍ରପତି ଅସରଫ ଘନି ଦେଶ ଛାଡି ତାଜିକିସ୍ତାନ ଚାଲଯାଇଥିବା ସ୍ପଷ୍ଟ କରିଛନ୍ତି ବରିଷ୍ଠ ଅଧିକାରୀ । ଏଥିସହ ଘନି ସରକାରଙ୍କ କିଛି ବରିଷ୍ଠ ସଦସ୍ୟ ମଧ୍ୟ ଆଫଗାନିସ୍ତାନ ଛାଡି ଦେଶ ବାହାରକୁ ଚାଲିଯାଇଛନ୍ତି । ପାକିସ୍ତାନର ଇସଲାମାବାଦ ବିମାନବନ୍ଦରରେ କିଛି ଆଫଗାନିସ୍ଥାନ ନେତାଙ୍କୁ ଦେଖିବାକୁ ମିଳିଛି । ଏଥିସହ ଆଫଗାନିସ୍ତାନରେ ୨୦ ବର୍ଷ ଧରି କ୍ଷମତାରୁ ବାହାରେ ରହିଥିବା ତାଲିବାନ ପୁଣି ଥରେ ବଳପୂର୍ବକ କ୍ଷମତାକୁ ଦଖଲ କରିଛି । ୧୦୩ ଦିନର ଲଢ଼େଇ ପରେ ଆଫଗାନିସ୍ତାନକୁ ନିଜ କବଜାକୁ ନେଇଛନ୍ତି ତାଲିବାନ । ଆଉ ଆଫଗାନସେନାକୁ ଆତ୍ମସମର୍ପଣ କରିବାକୁ ବାଧ କରିଛନ୍ତି । ତେବେ ବିଧିବଦ୍ଧ ଭାବେ ଏନେଇ ତାଲିବାନ ପକ୍ଷରୁ ଘୋଷଣା କରାଯାଇ ନାହିଁ । ଅନ୍ୟପଟେ ଆଫଗାନିସ୍ତାନର ଆଭ୍ୟନ୍ତରୀଣ ମନ୍ତ୍ରୀ ରାତି ୯ଟାରୁ ନାଇଟ୍ କର୍ଫ୍ୟୁ ଲାଗୁ କରିଛନ୍ତି । ତାଲିବାନ ପକ୍ଷରୁ ଆଫଗାନିସ୍ତାନର ରାଜଧାନୀ କାବୁଲ ଦଖଲ କରାଯିବା ପରେ ରାଷ୍ଟ୍ରପତି ଅସରଫ ଗନି ନିଜର ପଦ ତ୍ୟାଗ କରିଛନ୍ତି । ଏହା ସହିତ ସେ କାବୁଲ ଛାଡ଼ି ଚାଲିଯାଇଥିବା ଏକ ପ୍ରମୁଖ ଆଫଗାନି ଗଣମାଧ୍ୟମ ଟୋଲୋ ନ୍ୟୁଜ କହିଛି । ଅନ୍ୟପକ୍ଷରେ ତାଲିବାନକୁ କ୍ଷମତା ହସ୍ତାନ୍ତରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଫଗାନିସ୍ତାନର ପୂର୍ବତନ ଗୃହମନ୍ତ୍ରୀ ଅଲ୍ଲି ଅହମ୍ମଦ ଜଲାଲି ଦେଶର ଅନ୍ତରୀଣ ରାଷ୍ଟ୍ରପତି ହେବାର ସମ୍ଭାବନା ରହିଛି । ତାଲିବାନ ହାତକୁ କ୍ଷମତା ଯିବା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ପଦରେ ରହିବେ । ସେପଟେ ତାଲିବାନ ପକ୍ଷରୁ କୁହାଯାଇଛି ଯେ ଆସନ୍ତା ଦୁଇ ତିନି ଦିନ ମଧ୍ୟରେ କାବୁଲର କ୍ଷମତା ନିଜ ହାତକୁ ନିଆଯିବ । ସୂଚନାଯୋଗ୍ୟ ଯେ, ଏବେ ବି ତାଲିବାନର ଯୋଦ୍ଧାମାନେ ଆଫଗାନିସ୍ତାନ ରାଜଧାନୀ କାବୁଲକୁ ଚାରିପଟୁ ଘେରି ରଖିଛନ୍ତି । ଏହା ସହିତ ସହରକୁ ଯାଇଥିବା ରାସ୍ତାଗୁଡ଼ିକୁ ବନ୍ଦ କରିଦିଆଯାଇଛି । ତେବେ ସହର ଭିତରେ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି । ତାଲିବାନ ମୁଖପାତ୍ର ସୁହେଲ ସାହିନ ଗଣମାଧ୍ୟମକୁ ଦେଇଥିବା ସୂଚନା ଅନୁସାରେ ଶାନ୍ତିପୂର୍ଣ୍ଣ ଉପାୟରେ କ୍ଷମତା ହସ୍ତାନ୍ତରଣ ଉପରେ ସଂଗଠନ ଗୁରୁତ୍ୱ ଦେଉଛି । କାବୁଲକୁ ବଳପୂର୍ବକ ଦଖଲ କରିବାକୁ ତାଲିବାନ ଚାହେଁନାହିଁ ।

# ପେଗାସସ୍ ମାମଲାରେ ସୁପ୍ରିମକୋର୍ଟରେ ପକ୍ଷ ରଖିଲେ କେନ୍ଦ୍ର ସରକାର

## ଗୁଇନ୍ଦାଗିରି ଅଭିଯୋଗକୁ ଖଣ୍ଡନ କଲେ ମୋଦି ସରକାର



ନୂଆଦିଲ୍ଲୀ,୧୬/୦୮: ପେଗାସସ୍ ମାମଲାରେ ତଦନ୍ତ କରିବ ସ୍ୱତନ୍ତ୍ର କମିଟି । ଏନେଇ ସୁପ୍ରିମକୋର୍ଟରେ ସ୍ପଷ୍ଟ ରଖିଛନ୍ତି କେନ୍ଦ୍ର । ସରକାର ସ୍ୱତନ୍ତ୍ର କମିଟି ଗଠନ କରିବା ପାଇଁ ଘୋଷଣା କରିଛନ୍ତି । ଏଥିସହ ସମସ୍ତ ଅଭିଯୋଗ ଭିତିହୀନ ଏବଂ ଏଥିରେ ଗୁଇନ୍ଦାଗିରି ସହ କୌଣସି ସମ୍ପର୍କ ନଥିବା କେନ୍ଦ୍ର କହିଛନ୍ତି । ସୋମବାର ପେଗାସସ୍ ଉପରେ ଶୁଣାଣୀ କରିଛନ୍ତି ସୁପ୍ରିମକୋର୍ଟ । କୋର୍ଟରେ କେନ୍ଦ୍ର ସରକାର ପେଗାସସ୍ ନିଜ ପକ୍ଷ ରଖିଛନ୍ତି । କେନ୍ଦ୍ର ସରକାର ନିଜ ଉପରେ ଲାଗିଥିବା ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ସରକାର କହିଛନ୍ତି କୌଣସି ଗୁଇନ୍ଦାଗିରି ହୋଇ ନାହିଁ । କେବଳ ଆନୁମାନିକ ଓ ମିଡିଆ ରିପୋର୍ଟକୁ ଭିତିକରି ଏହି ଅଭିଯୋଗ କରାଯାଇଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି । ପେଗାସସ୍ ଗୁଇନ୍ଦାଗିରି ନେଇ କେନ୍ଦ୍ର ସରକାର ବିରୋଧରେ ଅନେକ ମାମଲା ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା ।

# ୨୪ ଘଣ୍ଟାରେ ରାଜ୍ୟରେ ୧୦୪ ଶିଶୁ କରୋନା ପଜିଟିଭ



ଭୁବନେଶ୍ୱର,୧୬/୦୮(ନି.ପ୍ର): ତୃତୀୟ ଲହରରେ ଅଧିକ ଶିଶୁ ସଂକ୍ରମିତ ହେବେ ବୋଲି ଆଶଙ୍କା କରୁଛନ୍ତି ବିଶେଷଜ୍ଞ । ଆଉ ଦେଶର ବିଭିନ୍ନ ରାଜ୍ୟରେ ଶିଶୁ ଓ କିଶୋର ସଂକ୍ରମିତ ହେବା ଖବର ଆସିବା ପରେ ଓଡିଶା ସରକାର ମଧ୍ୟ ତଥ୍ୟ ଦେବା ଆରମ୍ଭ କରିଛନ୍ତି । ତଥ୍ୟ ଆସିବା ପରେ ଚିନ୍ତା ବଢ଼ିବାରେ ଲାଗିଛି । ଗତ ୨୪ଘଣ୍ଟା ଭିତରେ ରାଜ୍ୟରେ ୧୦୪ ଜଣ ଶିଶୁ କରୋନା ଦ୍ୱାରା ସଂକ୍ରମିତ ହୋଇଛନ୍ତି । ସେପଟେ ୟୁନିସେଫ କହିଛି ଛୁଆ ସଂକ୍ରମିତ ହେବାର ସମ୍ଭାବନା କମ । ଚିନ୍ତା ବଢ଼ାଉଛି ୧୮ବର୍ଷରୁ କମ୍ ବୟସ୍କଙ୍କ କରୋନା ସଂକ୍ରମଣ । ୨୪ ଘଣ୍ଟାରେ ରାଜ୍ୟରେ ୧୦୪ ଶିଶୁ ଓ କିଶୋର ସଂକ୍ରମିତ ଚିହ୍ନଟ । ତୃତୀୟ ଲହରର ଆଶଙ୍କା ଭିତରେ ଶିଶୁ ଓ କିଶୋରଙ୍କୁ କରୋନା ସଂକ୍ରମଣ ନେଇ ରାଜ୍ୟ ସରକାରଙ୍କ ତଥ୍ୟ ଚିନ୍ତା ବଢାଇବାରେ ଲାଗିଛି । ଗତ ୨୪ ଘଂଟାରେ ରାଜ୍ୟରେ ପୁଣି ୧୦୪ ଜଣ ଶିଶୁ ଓ କିଶୋର କରୋନା ସଂକ୍ରମିତ ହୋଇଛନ୍ତି । ଅର୍ଥାତ ଶୂନରୁ ୧୮ ବର୍ଷ ବୟସ ମଧ୍ୟରେ ୧୦୪ ଜଣ କରୋନା ଆକ୍ରାନ୍ତ ▶▶ପୃଷ୍ଠା ୭

# ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଗାଡ଼ି ରାସ୍ତାରୁ ହଟିବ: ପରିବହନ ମନ୍ତ୍ରୀ

ଭୁବନେଶ୍ୱର,୧୬/୦୮ (ନି.ପ୍ର): ରାସ୍ତାରୁ ୧୫ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ଗାଡ଼ି ହଟିବ ବୋଲି ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା । ସେ କହିଛନ୍ତି ଯେ ଓଡ଼ିଶାରେ ପୁରୁଣା ଗାଡ଼ିର ଚିହ୍ନଟ ସରିଛି । ପରିବହନ ବିଭାଗ ଏନେଇ ପ୍ରକ୍ରିୟା ଆରମ୍ଭ କରି ସାରିଛି । ରାଜ୍ୟରେ ଏବେ ଲକ୍ଷାଧିକ ୧୫ ବର୍ଷର ପୁରୁଣା ଗାଡ଼ି ଅଛି । କେନ୍ଦ୍ର ସରକାରଙ୍କ ନୂଆ ନିୟମ (ସ୍କ୍ରାପ୍ ପଲିସି) ଅନୁସାରେ ଓଡ଼ିଶାରେ ଏହାକୁ କାର୍ଯ୍ୟକାରୀ କରାଯିବ ବୋଲି ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା କହିଛନ୍ତି ।

# ବିଷମକଟକ ସଡକ ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ୨ ଲକ୍ଷ ଟଙ୍କାର ସହାୟତା ଘୋଷଣା

ଭୁବନେଶ୍ୱର,୧୬/୦୮ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବିଷମକଟକଠାରେ ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟ ମାମଲାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ତାଙ୍କର ଗଭୀର ସମବେଦନା ଜଣାଇବା ସହ ମୃତକଙ୍କ ନିକଟତମ ସମ୍ପର୍କୀୟଙ୍କ ଙ୍କୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହି ଘଟଣାରେ ଆହତ ହୋଇଥିବା ୨ ଜଣଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମାଗଣା ଚିକିତ୍ସା ଘୋଷଣା କରିଛନ୍ତି ଏବଂ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ଯେ ଗତ୧୩ ଅଗଷ୍ଟରେ ବିଷମକଟକରେ ଆମ୍ବୁଲାନ୍ସ ଏବଂ ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୪ ଜଣ ବ୍ୟକ୍ତି ମୃତ୍ୟୁ ବରଣ କରିଥିଲେ ଏବଂ ୨ ଜଣ ଆହତ ହୋଇଥିଲେ ।

# ଜଳେଶ୍ୱରରୁ ୨ କୋଟି ୪୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ : ୩ ଅଭିଯୁକ୍ତ ଗିରଫ



ଭୁବନେଶ୍ୱର,୧୬/୦୮ (ନି.ପ୍ର): ଭୁବନେଶ୍ୱରର ଏସଟିଏଫ୍ ଟିମ୍ ଦ୍ୱାରା ଜଳେଶ୍ୱରରୁ ୨ କିଲୋ ୪୦୨ ଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଥିବାର ଖବର ମିଳିଛି । ଏହି ମାମଲାରେ ୩ ଅଭିଯୁକ୍ତ ଗିରଫ ହୋଇଛନ୍ତି । ଗୁପ୍ତଚରଙ୍କ ସୂଚନା ଆଧାରରେ ଏସଟିଏଫ୍ ଦ୍ୱାରା ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ମାର୍କେଟରେ ଚଢାଉ କରାଯାଇଥିଲା । ସେଠାରେ ଡିଲ୍ ଚାଲିଥିବା ବେଳେ ଏସଟିଏଫ୍ ଟିମ୍ ୨ କିଲୋ ୪୦୨ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଥିଲା । ଏହି ମାମଲାରେ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ଏମାନଙ୍କ ଭିତରୁ ମୁଖ୍ୟ ଅଭିଯୁକ୍ତ ହେଲା ମମତାଜ୍ ଖାନ୍ । ତାର ଘର ଜଳେଶ୍ୱର ଥାନା ଅଞ୍ଚଳରେ । ଅପରପକ୍ଷରେ ଅନ୍ୟତମ ଅଭିଯୁକ୍ତ ଉଦୟନାଥ ରଥର ଘର ଜଗତସିଂହପୁର ଥାନା ଅଞ୍ଚଳରେ ଓ ପ୍ରଦୀପ କୁମାର ଦାସର ଘର କଟକ ଜିଲ୍ଲା ବୟାଳିଶିମୌଜା ଅଞ୍ଚଳରେ ବୋଲି ଏସଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି । ଜବତ ବ୍ରାଉନସୁଗାରର ମୂଲ୍ୟ ୨ କୋଟି ୪୦ ଲକ୍ଷ ଟଙ୍କା ହେବ ବୋଲି ସୂଚନା ମିଳିଛି । ୨୦୨୦ ମସିହାରୁ ଏଯାବତ୍ ୩୮ କିଲୋଗ୍ରାମ୍ ବ୍ରାଉନ ସୁଗାର ଜବତ କରାଯାଇଥିବାର ସୂଚନା ଦେଇଛି ଏସଟିଏଫ୍ ।

# ୫ଟି ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା



ଭୁବନେଶ୍ୱର,୧୬/୦୮(ନି.ପ୍ର): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ୫ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି । କୋରାପୁଟ, ମାଲକାନଗିରି, ଗଜପତି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।ସେହିପରି ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ମୟୂରଭଞ୍ଜ, ବାଲେଶ୍ୱର, କେନ୍ଦୁଝର, କଟକ, କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏଥିସହିତ ୧୭ରୁ ୧୯ ତାରିଖ ମଧ୍ୟରେ ରାଜ୍ୟର ଅନେକ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରକାଶ । ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନାକୁ ଦେଖି ଅନେକ ଜିଲ୍ଲାକୁ ଆଞ୍ଚଳିକ ପାଣିପାଗ କେନ୍ଦ୍ରପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଏଯାବତ ରାଜ୍ୟର ଗୋପାଳପୁରରେ ୩୬.୧ ଡିଗ୍ରି ସେଲସିୟସ ସର୍ବାଧିକ ତାପମାତ୍ରା ଥିବା ବେଳେ ଫୁଲବାଣୀରେ ୧୯.୦ଡିଗ୍ରି ସର୍ବନିମ୍ନ ତାପମାତ୍ରା ରହିଛି ।

# ବାଲେଶ୍ୱର ଆଇପିଓ ନିଲମ୍ବିତ

ଭୁବନେଶ୍ୱର,୧୬/୦୮ (ନି.ପ୍ର): ସରକାରୀ ସେବା ପ୍ରଦାନରେ ଲୋକଙ୍କୁ ହଇରାଣ ହରକତ କରୁଥିବା ଅଭିଯୋଗରେ ସୋମବାର ବାଲେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ରରେ କାର୍ଯ୍ୟରତ ଆଇପିଓ ଆଲୋକ ନାୟକଙ୍କୁ ଚାକିରିରୁ ନିଲମ୍ବନ କରାଯାଇଛି । 'ମୋ ସରକାର' କାର୍ଯ୍ୟକ୍ରମ ଅନୁଯାୟୀ ଏମ୍ଏସ୍ଏମ୍ଇ ବିଭାଗ ଦ୍ୱାରା ହିତାଧିକାରୀମାନଙ୍କୁ ପ୍ରତିଦିନ ସରକାରୀ ସୁବିଧା, ସହଯୋଗ, କାର୍ଯ୍ୟର ଅଗ୍ରଗତି ଏବଂ ରହିଥିବା ସମସ୍ୟା ଆଦି ସଂପର୍କରେ ଫୋନ ଯୋଗେ ଯୋଗାଯୋଗ କରାଯାଇ ମତାମତ ସଂଗ୍ରହ କରାଯାଉଛି । ଏହି କ୍ରମରେ ବାଲେଶ୍ୱର ଜିଲ୍ଲାର ଜୈନେକ ହିତାଧିକାରୀ ଏମ୍ଏସ୍ଏମ୍ଇ କାର୍ଯ୍ୟକ୍ରମରୁ ରିହାତି ପାଇବା ନେଇ ବହୁ ହଇରାଣ ହରକତର ସାମ୍ନା କରୁଥିବା ବିଭାଗକୁ ଜଣାଇ ଥିଲେ । ଘଟଣାର ସତ୍ୟାସତ୍ୟ ଉପରେ ଯାଂଚ କରି ସତ୍ୟତା ଥିବା ପ୍ରମାଣ ମିଳିବା ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଶିଳ୍ପ ନିର୍ଦ୍ଦେଶକଙ୍କୁ ଅଭିଯୁକ୍ତ ଆଇପିଓଙ୍କୁ ନିଲମ୍ବନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଲମ୍ବିତ ଅଧିକାରୀଙ୍କ ନାମରେ ପୂର୍ବରୁ ଅନେକ ଅଭିଯୋଗ ରହିଥିବା ଜଣାପଡ଼ିଛି । ନିଲମ୍ବନ ପରେ କଟକ ସଦର ଶିଳ୍ପ ନିର୍ଦ୍ଦେଶାଳୟରେ ତାଙ୍କୁ ଅସ୍ଥାୟୀ ଭାବେ ଅବସ୍ଥାପିତ କରାଯାଇଛି ।

# ୭୫ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳିତ

## ରାଜ୍ୟର ୯୬ ଲକ୍ଷ ପରିବାର, ସାଢ଼େ ତିନି କୋଟି ଲୋକଙ୍କୁ ସ୍ମାର୍ଟ ହେଲଥ୍ କାର୍ଡ ମିଳିବ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୬/୦୮ (ନି.ପ୍ର): ୭୫ତମ ପବିତ୍ର ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଆଜି ରାଜଧାନୀ ଭୁବନେଶ୍ୱରର ୟୁନିଟ୍-୩ସ୍ଥିତ ଇଡ୍କୋ ପ୍ରଦର୍ଶନୀ ପଡ଼ିଆଠାରେ ପାଳିତ ହୋଇଯାଇଛି । କୋଭିଡ୍ ମାର୍ଗଦର୍ଶିକାର ଅନୁପାଳନ ଅନୁଯାୟୀ ଅନୁଷ୍ଠିତ ହୋଇଥିବା ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ରାଜ୍ୟ ପୋଲିସ ବ୍ୟାଣ୍ଡ ଦ୍ୱାରା ଜାତୀୟ ସଂଗୀତ ବାଦନ ପରେ ଓଡ଼ିଶା ସ୍ୱତନ୍ତ୍ର ସଶସ୍ତ୍ର ବଳ, ଓଡ଼ିଶା ସ୍ୱତନ୍ତ୍ର ସୁରକ୍ଷା ବଳ, ଓଡ଼ିଶା ବିପର୍ଯ୍ୟୟ ତ୍ୱରିତ କାର୍ଯ୍ୟନିର୍ବାହୀ ବଳ ଓ ପୋଲିସ ବ୍ୟାଣ୍ଡଙ୍କଠାରୁ ମୁଖ୍ୟମନ୍ତ୍ରୀ ଅଭିବାଦନ ଗ୍ରହଣ କରିଥିଲେ । ମୁଖ୍ୟମନ୍ତ୍ରୀ ଏହି ଅବସରରେ ରାଜ୍ୟବାସୀଙ୍କୁ ଉଦ୍‌ବୋଧନ ଦେଇ ଜାତିର ପିତା ମହାତ୍ମା ଗାନ୍ଧୀ ଓ ଅନ୍ୟ ବରପୁତ୍ରମାନଙ୍କ ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦେଶର ଅଖଣ୍ଡତା ଓ ଶାନ୍ତି ରକ୍ଷା ପାଇଁ ଶହୀଦ ହୋଇଥିବା ଅମର ଜବାନ ଏବଂ କରୋନା ▶▶ପୃଷ୍ଠା ୭

# ଚାଷୀ ନାମ ପଂଜୀକରଣ ସମୟସୀମା ଅଗଷ୍ଟ ୨୩କୁ ବୃଦ୍ଧି

ଭୁବନେଶ୍ୱର,୧୬/୦୮ (ନି.ପ୍ର): ରାଜ୍ୟରେ ଚଳିତ ଖରିଫ ଧାନସଂଗ୍ରହ ନିମନ୍ତେ ଚାଷୀମାନଙ୍କ ନାମ ପଂଜୀକରଣର ସମୟସୀମାକୁ ଅଗଷ୍ଟ ୨୩ ତାରିଖକୁ ବୃଦ୍ଧି କରାଯାଇଛି । ପୂର୍ବରୁ ଅଗଷ୍ଟ ୧୬ ତାରିଖ ପଂଜୀକରଣ ଶେଷ ତାରିଖ ଥିଲା । ଆଜି ଏହି ମର୍ମରେ ବିଭାଗ ପକ୍ଷରୁ ସମସ୍ତ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇଛି । ସଂପୃକ୍ତ ପ୍ୟାକସ୍/ ଲ୍ୟାମ୍ପସ୍, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ପାଣି ପଂଚାୟତ ମାଧ୍ୟମରେ ବର୍ଦ୍ଧିତ ସମୟସୀମା ସଂପର୍କରେ ଚାଷୀମାନଙ୍କୁ ଅବଗତ କରାଇବା ପାଇଁ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଏବଂ ସମବାୟ ସମିତି ସମୂହର ରେଜିଷ୍ଟ୍ରାରଙ୍କୁ ଅନୁରୋଧ କରାଯାଇଛି । ଯେଉଁ ଚାଷୀମାନେ ଏ ପର୍ଯ୍ୟନ୍ତ ସୋସାଇଟିରେ ସେମାନଙ୍କ ନାମ ପଂଜୀକରଣ କରିପାରି ନାହାନ୍ତି, ସେମାନେ ଏହା ଦ୍ୱାରା ଉପକୃତ ହେବେ ବୋଲି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଚାଷୀମାନେ ନାମ ପଂଜୀକରଣ ନିମନ୍ତେ ଆବଶ୍ୟକୀୟ ଦସ୍ତାବିଜ୍ ସହିତ ନିକଟସ୍ଥ ସୋସାଇଟିକୁ ଯାଇ ନିଜ ନାମ ପଂଜୀକରଣ କରାଇନେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଅନୁରୋଧ କରିଛନ୍ତି । ଚାଷୀମାନେ ସୋସାଇଟିରେ ସେମାନଙ୍କର ନାମ ପଂଜୀକରଣ କରିବା ପାଇଁ ଯିବାବେଳେ ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ କୋଭିଡ୍ ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ଅନୁପାଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଚଳିତ ଖରିଫ ଧାନ ସଂଗ୍ରହ ନିମନ୍ତେ ଗତକାଲି ସୁଦ୍ଧା ୧୦ ଲକ୍ଷ ୧୪ ହଜାର ୭୩୫ ଜଣ ଚାଷୀ ସେମାନଙ୍କ ନାମ ପଂଜୀକରଣ କରିସାରିଛନ୍ତି । ରାଜ୍ୟର ୨,୮୮୧ଟି ସୋସାଇଟି ମାଧ୍ୟମରେ ଏହି ଚାଷୀ ନାମ ପଂଜୀକରଣ କରାଯାଉଛି । ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ ଖରିଫ ଧାନ ସଂଗ୍ରହ ନିମନ୍ତେ ନାମ ପଂଜୀକରଣ କରାଯାଉଛି ।

# ଅନ୍ତରୀକ୍ଷ ଟ୍ରଷ୍ଟ ତରଫରୁ ଜାତୀୟ ପତାକା ଉତ୍ତୋଳନ



କୁଜଙ୍ଗ,୧୬/୮ (ନି.ପ୍ର): ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ୭୫ ତମ ସ୍ୱାଧିନତା ଦିବସରେ କୁଜଙ୍ଗ ସହାଡ଼ାରେ ଅବସ୍ଥାପିତ ଟ୍ରଷ୍ଟର ଶାଖା କାର୍ଯ୍ୟାଳୟ ପ୍ରାଙ୍ଗଣରେ ସାହାଡ଼ା ଗ୍ରାମବାସୀ, ଅବସର ପ୍ରାପ୍ତ ଶିକ୍ଷକ, ଉଦୟମାନ ସମାଜ ସେବୀ ଯୁବକ, ଛାତ୍ର ଛାତ୍ରୀ ସହ ଟ୍ରଷ୍ଟ ସଭାପତି ଆନନ୍ଦ କୁମାର ମାଇତି, ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତିଙ୍କ ଉପସ୍ଥିତିରେ ଜାତୀୟ ପତାକା ଉତ୍ତୋଳନ ହୋଇଯାଇଅଛି। ଜାତୀୟ ସଙ୍ଗୀତ ଗାନ ପରେ କରନା କଟକଣାକୁ ଆଖିରେ ରଖି ଟ୍ରଷ୍ଟର ସ୍ଥାୟୀ ସଭାପତିଙ୍କ ସଭାପତିତ୍ୱ ଓ ମାନେଜିଙ୍ଗ ଟ୍ରଷ୍ଟିଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ଅବସର ପ୍ରାପ୍ତ ଶିକ୍ଷକ ଗୁରୁବାରି ଜେନା, କୈଳାସ ସାମଲ, ଆନନ୍ଦ ମାଇତି ପ୍ରମୁଖ ଦେଶର ସ୍ୱାଧୀନତା, ସମାଜ ସେବା ଓ ସମକାଳୀନ ସମାଜର ପରିସ୍ଥିତି ଉପରେ ବିସ୍ତୃତ ବ୍ୟାଖ୍ୟା କରିଥିଲେ। ଶେଷରେ ଟ୍ରଷ୍ଟର ସମ୍ପାଦିକା ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

# ରୋଷେୟା ତଥା ସେବାୟତଙ୍କୁ ନିୟମିତ କରିବାକୁ ସଂଘର ଦାବି

ନୂଆପଡା,୧୬/୮ (ନି.ପ୍ର): ନୂଆପଡା ଜିଲ୍ଲାରେ ସରକାରଙ୍କ ଅନୁସୂଚିତଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟ ମାନଙ୍କରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷାର ବିକାଶ ନିମନ୍ତେ ସରକାର ରହିବା ଖାଇବା ସହ ସମସ୍ତ ପ୍ରକାର ଖର୍ଚ୍ଚ ବହନ କରୁଛନ୍ତି ଓ ତାଙ୍କୁ ଖାଦ୍ୟ ରାନ୍ଧି ପରିବେଷଣ ନିମନ୍ତେ ଜିଲାର ବିଭିନ୍ନ ବର୍ଗର ଗରିବ, ନିରୀହ, ଅଭାବି ଖଟିଖିଆ ଶ୍ରମିକ ଶ୍ରେଣୀର ବ୍ୟକ୍ତି ବିଶେଷ ମାନଙ୍କୁ ରୋଷେୟା ତଥା ସେବାୟତ ପଦବୀରେ ନିୟୋଜିତ କରାଯାଇଛି । ଇତି ମଧରେ ୨୦ ରୁ ୨୫ ବର୍ଷ ହୋଇଯାଇଥିଲେ ମଧ ରୋଷେୟା ତଥା ସେବାୟତ ମାନଙ୍କୁ ନିୟମିତ କରାଯାଇନାହିଁ । ରୋଷେୟା ତଥା ସେବାୟତ ମାନେ ଦୈନିକ ଦୁଇ ଓଳି ସମୟାନୁସାରେ ଶହ ଶହ ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ଖାଦ୍ୟ ରାନ୍ଧି ପରିବେଷଣ କରିବା ସହିତ, ବିଦ୍ୟାଳୟ ଓ ଛାତ୍ରଛାତ୍ରୀ ସମ୍ବନ୍ଧୀୟ ବିଭିନ୍ନ କାର୍ଯ୍ୟ ଯଥା- ଛାତ୍ରାବାସ ଓ ବିଦ୍ୟାଳୟ ପରିସରକୁ ସଫା ସୁତୁରା ରଖିବା, ଶୌଚାଳୟ, ସ୍ନାନାଗାର ଗୁଡିକୁ ନିୟମିତ ବ୍ୟବଧାନରେ ସଫା କରିବା, ଛାତ୍ରଛାତ୍ରୀଙ୍କ ପିଇବା ପାଣିର ସୁବନ୍ଦୋବସ୍ତ ସହ ଓଭରହେଡ ପାଣି ଟାଙ୍କିକୁ ନିୟମିତ ବ୍ୟବଧାନରେ ସଫା କରିବା, ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ନିୟମିତ ପଚାରି ବୁଝିବା ଓ ପ୍ରଧାନଶିକ୍ଷକ ଦାୟୀତ୍ୱଧାରୀଙ୍କୁ ସୁଚିତ କରିବା, ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିକୋଣରୁ ବିଦ୍ୟାଳୟ ମୁଖ୍ୟ ଦ୍ୱାରକୁ ସକାଳ ୬ଘଣ୍ଟାରୁ ସନ୍ଧ୍ୟା ୬ ଘଣ୍ଟା ଜଗିରହି ପ୍ରବେଶକାରୀଙ୍କ ସବିଶେଷ ତଥ୍ୟ ଲିପବଦ୍ଧ କରିବା, ସ୍ୱାସ୍ଥ୍ୟବସ୍ଥା ଖରାପ ହେଲେ ଡାକ୍ତରଖାନା ନେବା, ବିଦ୍ୟାଳୟ ସୌନ୍ଦର୍ଯ୍ୟକରଣ ନିମନ୍ତେ ଗଛ ଲଗାଇବା, କିଚେନ ଗାର୍ଡେନକୁ ପାଣି ଦେବା, ଅନ୍ତେବାସୀଙ୍କ ସୁରକ୍ଷାରେ ସବୁ ବେଳେ ତତ୍ପର ରହିବା ଓ ତାଙ୍କ ଭିତରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ପ୍ରଥମ ରୁ ତୃତୀୟ ଶ୍ରେଣୀର କୁନି କୁନି ଛାତ୍ରଛାତ୍ରୀଙ୍କୁ ତାଙ୍କ ଦିନଚର୍ଯ୍ୟାରେ ସହଯୋଗ କରିବା, ଶିକ୍ଷାଦାନ ସମୟରେ ପିରିୟଡ ଘଣ୍ଟା ଓ ଛୁଟିଘଣ୍ଟା ବଜାଇବା, ସକାଳ ଓ ସନ୍ଧ୍ୟା ପ୍ରାର୍ଥନା ନିମନ୍ତେ ଏକତ୍ରିତ କରିବା, ତାଙ୍କର ଆପତି ଅଭିଯୋଗ ଗୁଡିକୁ ଶୁଣି ବୁଝି ସଂପୃକ୍ତ ଦାୟୀତ୍ୱଧାରୀଙ୍କୁ ଅବଗତ କରେଇବା, ପିଇବା ପାଣି ସର୍ବଦା ସୁଲଭ କରାଇବା, ବିଦ୍ୟାଳୟ ଓ ଛାତ୍ରାବାସ କାର୍ଯ୍ୟକ୍ରମ ବନ୍ଦ ଥିବା ସମୟରେ ବିଦ୍ୟାଳୟ ମାନଙ୍କରେ ଦିନରାତି ଉପସ୍ଥିତ ରହିବା, ବିଦ୍ୟାଳୟରେ ରାତ୍ରୀରେ ଛାତ୍ରଛାତ୍ରୀଙ୍କ ଗହଣରେ ଶୋଇବା ସଙ୍ଗେ ସଙ୍ଗେ ବିଦ୍ୟାଳୟ ଓ ଛାତ୍ରଛାତ୍ରୀଙ୍କ ସମ୍ବନ୍ଧୀୟ ସମସ୍ତ ଆନୁସାଙ୍ଗିକ କାର୍ଯ୍ୟକୁ ଦାୟିତ୍ୱର ସହ ତୁଲାଇ ଆସୁଛନ୍ତି । ସେମାନେ କାର୍ଯ୍ୟସ୍ଥଳରେ ସରକାରଙ୍କ କାର୍ଯ୍ୟରେ ଦିନରାତି ୨୪ ଘଣ୍ଟା କାର୍ଯ୍ୟ କରୁଥିଲେ ସୁଦ୍ଧା ରୋଷେୟା ତଥା ସେବାୟତ ମାନଙ୍କୁ ସଂପୃକ୍ତ ବିଭାଗ / ସରକାର ଅଦ୍ୟାବଧୀ କର୍ମଚାରୀର ମାନ୍ୟତା ଦେଇ ନାହାନ୍ତି ବୋଲି ରୋଷେୟା ତଥା ସେବାୟତ ସଂଘର ଜିଲ୍ଲା ସଭାପତି ଭୈରବ କୁମାର ସାହୁ ପ୍ରକାଶ କରି କହିଛନ୍ତି । ସରକାରଙ୍କ ଶ୍ରମ ଓ ନିୟୋଜନ ବିଭାଗ, ଦିନ ମଜୁରିଆ ଶ୍ରମିକ ମାନଙ୍କ ପାଇଁ ଦୈନିକ ୮ ଘଣ୍ଟା ପରିଶ୍ରମ ନିମନ୍ତେ ଯାହା ମଜୁରୀ ଧାର୍ଯ୍ୟ କରିଥାନ୍ତି ତାକୁ ହିଁ ଅନୁସୁଚିତ ଜାତି ଓ ଅନୁସୁଚିତ ଜନଜାତି ଉନ୍ନୟନ ବିଭାଗ ରୋଷେୟା ତଥା ସେବାୟତ ମାନଙ୍କୁ ଅର୍ଦ୍ଧକୁଶଳୀ ଶ୍ରମିକ ଭାବରେ ଦୈନିକ ମଜୁରୀ ପ୍ରଦାନ ଓ ପ୍ରାପ୍ୟ ଯୋଗ୍ୟ ମଜୁରୀକୁ ମାସିକ ଆକାରରେ ପ୍ରଦାନ କରି ଆସୁଛନ୍ତି । ବିଭାଗୀୟ ପ୍ରଶାସନ ତଥା ସରକାର ରୋଷେୟା ଓ ସେବାୟତ ମାନଙ୍କୁ ଅର୍ଦ୍ଧକୁଶଳୀ ଶ୍ରମିକ ଭାବରେ ବିବେଚନା ନ କରି ତାଙ୍କର ମୌଳିକ, ସାମାଜିକ, ଆର୍ଥିକ ଅଧିକାରକୁ ସୁରକ୍ଷିତ ନିମନ୍ତେ ସରକାରୀ କର୍ମଚାରୀର ମାନ୍ୟତା ସହ ଜିଲା ତଥା ରାଜ୍ୟର ସମସ୍ତ ରୋଷେୟା ତଥା ସେବାୟତ ମାନଙ୍କୁ ଉକ୍ତ ପଦବୀରେ ନିୟମିତ କରିବା ନିମନ୍ତେ ଜିଲ୍ଲା ରୋଷେୟା ତଥା ସେବାୟତ ସଂଘର ସଭାପତି ଭୈରବ କୁମାର ସାହୁ ବିଭିନ୍ନ ପ୍ରଶାସନିକ ଅଧିକାରୀଙ୍କୁ ନିବେଦନ କରିଛନ୍ତି ।

# ଚୋର ସନ୍ଦେହରେ ଅଜଣା ବ୍ୟକ୍ତିଙ୍କୁ ପିଟିପିଟି ହତ୍ୟା ଘଟଣା : ଗିରଫ ୫ ଅଭିଯୁକ୍ତ କୋର୍ଟଚାଲାଣ

ହରିଚନ୍ଦନପୁର,୧୬/୮ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଧୋରଡିଆମ୍ବ ଗ୍ରାମପଚାଂୟତ କମଳାବାହାଲୀ ଗ୍ରାମରେ ଅଜଣା ଯୁବକଙ୍କୁ ପିଟିପିଟି ହତ୍ୟା ଘଟଣାରେ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ହରିଚନ୍ଦନପୁର ପୋଲିସ । ମିଳିଥିବା ଖବର ଅନୁଯାୟୀ, ଗତ ୩ ତାରିଖ ଦିନ ଦୁଇଜଣ ଅଜଣା ବ୍ୟକ୍ତି ଉକ୍ତ ଗ୍ରାମର ସନାତନ ନାଏକଙ୍କ ଘରେ କୌଣସି ପରିଚୟ ଦେଇ ରହିଥିଲେ । ପରେ ସନାତନ ଜଣେ ଅଜଣା ବ୍ୟକ୍ତିଙ୍କ ସାଙ୍ଗରେ ରାତି ୯ଟା ସମୟରେ ତାଳଡିହି ଛକକୁ କୁକୁଡ଼ା କିଣିବାକୁ ଯାଇଥିଲେ । ସେଠାରୁ ଅଜଣା ବ୍ୟକ୍ତି ଜଣକ ସନାତନକୁ ମୋବାଇଲ ମାଗିଥିଲେ, ଟର୍ଚ୍ଚ ଜଳାଇ ଝାଡ଼ା ଯିବାକୁ କହିଥିଲେ । ସନାତନ ଉକ୍ତ ବ୍ୟକ୍ତିକୁ ନିଜ ମୋବାଇଲ ଦେଇଥିଲେ, ଝାଡ଼ା ଯାଇ ବ୍ୟକ୍ତି ଜଣକ ନ ଫେରିବାରୁ ଅନେକ ଖୋଜାଖୋଜି ପରେ ରାଗିଯାଇ ଘରକୁ ଫେରି ଅନ୍ୟ ଅଜଣା ବ୍ୟକ୍ତିଙ୍କୁ ଫେରିନଥିବା ବ୍ୟକ୍ତିର ପରିଚୟ ପଚାରିବା ସହ ଝଗଡ଼ା ସୃଷ୍ଟି କରିଥିଲେ । ଉକ୍ତ ବ୍ୟକ୍ତି ପରିଚୟ ଦେଇନଥିବାରୁ ସନାତନ ନାଏକ ଚୋର ଭାବି ରାଗିଯାଇ ଗ୍ରାମର ବିରୁ ମୁଣ୍ଡା, ବଗ ମୁଣ୍ଡା, ରବିନ୍ଦ୍ର ହନାଗା ଓ ସୁବିନାଥ ମୁଣ୍ଡାଙ୍କୁ ଡାକି ଏହି ଅଜଣା ବ୍ୟକ୍ତିଙ୍କୁ ଏକ ଘରେ ପୁରାଇ ନିର୍ଦ୍ଦୁମ ପିଟାପିଟି ପରେ ଘରେ ତାଲା ପକାଇ ରଖିଥିଲେ । ସକାଳେ ଉକ୍ତ ବ୍ୟକ୍ତିର ମୃତ୍ୟୁ ହୋଇଥିବା ଜଣାପଡ଼ିବା ପରେ ମୃତଦେହକୁ ଗ୍ରାମ ନିକଟସ୍ଥ ଜଙ୍ଗଲରେ ଥିବା ନାଳ ମଧରେ ପଥର ଚାପି ରଖିଥିଲେ । ସ୍ଥାନୀୟ ଲୋକେ ଏହା ଜାଣିବା ପରେ ଘଟଣା ସମ୍ପର୍କରେ ଉକ୍ତ ୱାର୍ଡର ୱାର୍ଡମେମ୍ବରକୁ ଜଣାଇଥିଲେ । ୱାର୍ଡମେମ୍ବର ପୋଲିସକୁ ଖବର ଦେଇଥିଲେ । ହରିଚନ୍ଦନପୁର ପୋଲିସ ଛାନଭିନ ଆରମ୍ଭ କରି ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଥିଲା । ଅଭିଯୁକ୍ତଙ୍କ ସୂଚନା ଆଧାରରେ ଶୁକ୍ରବାର ଦିନ ଘଟଗାଁ ଏସଡିପିଓ ଅସିତ୍ ରଞ୍ଜନ ମହାନ୍ତି, ଥାନାଧିକାରିଣୀ ସସ୍ମିତା ଦେବତା , ତହସିଲଦାର ପ୍ରଶାନ୍ତ କୁମାର ସେଠୀ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗଳିତ ଶବକୁ ଉଦ୍ଧାର କରିଥିଲେ । ଥାନା କେଶ୍ ନମ୍ବର ୯୮/୨୧ ଅନୁଯାୟୀ ଏକ ମାମଲା ରୁଜୁ କରି ଉକ୍ତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି । ଏଥିସହ ଉଦ୍ଧାର ହୋଇଥିବା ମୃତଦେହକୁ ଚିହ୍ନଟ ଓ ବ୍ୟବଚ୍ଛେଦ ନିମନ୍ତେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡିଛି । ଖବର ଲେଖାଯିବା ପ୍ରର୍ଯ୍ୟନ୍ତ ଉକ୍ତ ମୃତ ବ୍ୟକ୍ତିଙ୍କ ସହ ଅନ୍ୟ ଫେରାର ଥିବା ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ । ପରିଚୟ ପାଇବା ପାଇଁ ପୋଲିସ ତଦନ୍ତକୁ ଜୋରଦାର କରିଥିବା ଜଣାପଡିଛି ।

# ଦ୍ୱାରଶୁଣି ଘାଟି ରାସ୍ତା ସଂପ୍ରସାରଣ ଦାବିରେ ଜାତୀୟ ରାଜପଥ ୪୯ ବନ୍ଦ



ବାଙ୍ଗିରିପୋଷି,୧୬/୮ (ନି.ପ୍ର): ମୁମ୍ବାଇ-କୋଲକାତା ୪୯ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ନିକଟସ୍ଥ ଦ୍ୱାରଶୁଣି ଘାଟି ରାସ୍ତା ସଂପ୍ରସାରଣ ପାଇଁ ବାଙ୍ଗିରିପୋଷି ସଚେତନ ନାଗରିକ ମଞ୍ଚ ତରଫରୁ ଜାତୀୟ ରାଜପଥ ୪୯ ବାରଘଣ୍ଟିଆ ବନ୍ଦ ଜାରି ରହିଛି।

ସୂଚନାଯୋଗ୍ୟ, ଦ୍ୱାରଶୁଣି ଘାଟିରେ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟି ଅନେକ ଧନଜୀବନ ନଷ୍ଟ ହେଲାଣି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ ୨୦୧୪ରୁ ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ଘାଟି ରାସ୍ତାରେ ୯୦ଟି ଦୁର୍ଘଟଣା ଘଟିଥିବା ବେଳେ, ୪୪ ଜଣଙ୍କ ପ୍ରାଣହାନି ଘଟିଛି ଏବଂ ୬୩ ଜଣ ଗୁରୁତର ହେଇଛନ୍ତି। ଛୋଟ ବଡ଼ ମୋଟ ୯୦ଟି ଗାଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେଇଯାଇଛି। ଏହି ଘାଟିଟି ଶିମିଳିପାଳ ଜୈବ ମଣ୍ଡଳ ଭିତରେ ଯାଉଥିବାରୁ ରାସ୍ତା ସମ୍ପ୍ରସାରଣରେ ବାଧା ଉପୁଜୁଛି।

ରାସ୍ତା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ବିଧାୟକ ତଥା ରାଜସ୍ୱ ମନ୍ତ୍ରୀଙ୍କୁ ଅନେକ ଥର ଅବଗତ କରାଯାଇଥିଲେ ବି କିଛି ଲାଭ ହୋଇ ନାହିଁ। ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ଘାଟି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ହେଉନଥିବା ପ୍ରତିବାଦରେ ଆଜି ବାଙ୍ଗିରିପୋଷି ସଚେତନ ନାଗରିକ ମଞ୍ଚ ପକ୍ଷରୁ ସକାଳ ୬ ଘଟିକାରୁ ସଂଧ୍ୟା ୬ ଘଟିକା ପର୍ଯ୍ୟନ୍ତ ୧୨ ଘଣ୍ଟା ଧରି ୪୯ ନମ୍ବର ଜାତୀୟ ରାଜପଥବନ୍ଦ କରି ପ୍ରତିବାଦ କରାଯାଉଛି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମେତ ବାଙ୍ଗିରିପୋଷି ବିଡିଓ, ତହସିଲଦାର ଏବଂ ଆଇଆଇସିଙ୍କୁ ଏନେଇ ମଞ୍ଚ ପକ୍ଷରୁ ଲିଖିତ ଦାବିପତ୍ର ଦିଆଯାଇଛି। ନାଗରିକ ମଞ୍ଚ ପକ୍ଷରୁ ବାଙ୍ଗିରିପୋଷି ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାର ସମସ୍ତ ବୁଦ୍ଧିଜୀବୀ ସମାଜସେବୀ, ସ୍ୱେଚ୍ଛାସେବୀ ତଥା ଦଳମତ ନିର୍ବିଶେଷରେ ସମସ୍ତ ଜନସାଧାରଣ ବନ୍ଦକୁ ସହଯୋଗ କରିଛନ୍ତି।

# ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ମିଳୁନି ଆୟୁର୍ବେଦ ଔଷଧ

ଧର୍ମଶାଳା,୧୬/୮ (ନି.ପ୍ର): ସ୍ୱାସ୍ଥ୍ୟ ଏକ ଅମୂଲ୍ୟ ସମ୍ପଦ । ସମସ୍ତେ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇଥଶନ୍ତି । ଏନେଇ ସରାକାର ନିରୋଗ ରହିବା ପାଇଁ ବିଭିନ୍ନ ବ୍ୟବସ୍ଥାମାନ କରୁଛନ୍ତି । ସରକାର ଆୟୁର୍ବେଦ ସେବାକୁ ପ୍ରାଧାନ୍ୟ ଦେଇ ଏହାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରେ ବୃହତକାୟ ଆୟୁର୍ବେଦ ମେଡିକାଲ ଖୋଲିଛନ୍ତି ।ଗାଁ ଗହଳିରେ ଏହି ସେବାକୁ ଯୋଗାଇବା ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିନରେ ଅନେକ ଆୟୁଷ ଡାକ୍ତରଙ୍କୁ ନିଯୁକ୍ତି ଦେଇଛନ୍ତି କିନ୍ତୁ ଏହି ସେବା ଉପରେ ନିର୍ଭର କରି ରୋଗୀମାନେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସୁଥିଲେ ମଧ୍ୟ ଔଷଧ ନ ଥିବାରୁ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ। ଦୀର୍ଘ ୫ବର୍ଷରୁ ଉର୍ଦ୍ଧ ସମୟ ଧରି ଡାକ୍ତର ମିନର୍ଭା ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ଦୈନିକ ୨୦ରୁ ୩୦ରୋଗୀ ଏଠାକୁ ଚିକିତ୍ସା ପାଇଁ ଆସୁଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଔଷଧ ନଥିବା ଅଭିଯୋଗ ହୋଇଛି। ଏ ନେଇ ସଂପୃକ୍ତ ଡାକ୍ତରଙ୍କ ସହ ଯୋଗାଯୋଗ କରିବାରୁ ମୁଁ ୩ମାସରୁ ଉର୍ଦ୍ଧ ସମୟଧରି ଔଷଧ ପାଇଁ ଜଣାଇଥିଲେ ମଧ୍ୟ ସରକାର ପକ୍ଷରୁ ମାତ୍ର ଦଶ ପ୍ରକାର ଔଷଧ ଯୋଗାଇ ଦିଆଯାଉଛି ବୋଲି ସେ କହିଥିଲେ। ଅପରପକ୍ଷରେ ନିକଟରେ ଥିବା କାଞ୍ଚିଆସ୍ଥିତ ଏକ ଘରୋଇ କ୍ଲିନିକ୍‌ଙ୍କ ନିକଟକୁ ରୋଗୀ ମାନଙ୍କୁ ପଠାଉଥିବା ଜଣାପଡିଛି। କରୋନା ଚିକିତ୍ସା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଆୟୁର୍ବେଦ ଚିକିତ୍ସାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଠାରେ ସେଭଳି କୌଣସି ଔଷଧ ନ ଥିବା ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମହଲରେ ଦୃଢ ଦାବି ହେଉଛି ।

# ମୃର୍ତ୍ତିକା ସଂରକ୍ଷଣ ଓ ଜଳଛାୟା ବିଭାଗ ନିର୍ଦ୍ଦେଶକଙ୍କ କେନ୍ଦ୍ରାପଡା ଗସ୍ତ

କେନ୍ଦ୍ରାପଡ଼ା,୧୬/୮ (ନି.ପ୍ର): ମୃର୍ତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକ କେନ୍ଦ୍ରାପଡା ଗସ୍ତକରି ଜଳଛାୟା ବିଭାଗ ଓ ମୃର୍ତ୍ତିକା ସଂରକ୍ଷଣ ବିଭାଗର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଶନିବାର ଅପରାହ୍ନରେ ମୃର୍ତ୍ତିକା ସଂରକ୍ଷଣ ବିଭାଗର ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଦୁହୁରିଆ ସ୍ଥିତ କାର୍ଯ୍ୟାଳୟରେ ପହଁଚି ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା କରିବା ପରେ ଜିଲ୍ଲାର ପଟ୍ଟାମୁଣ୍ଡାଇ ବ୍ଲକ ଗସ୍ତକରି କଟରାମାଳ ଗ୍ରାମର ହିତାଧିକାରୀ ଗୌତମ ପରିଡାଙ୍କର କ୍ଷେତ ଓ ପୋଖରୀ ବୁଲି ପୋଖରୀ ହୁଡାରେ ଆମ୍ବ, ନଡିଆ, ପିଜୁଳି, କଦଳୀ, ଅମୃତଭଣ୍ଡା, ଲେମ୍ବୁ ଚାଷ କରାଯାଇଥିବା ଦେଖି ସନ୍ତୋଷ ପ୍ରକାଶ କରିଥିଲେ । ପୋଖରୀ ହୁଡାରେ କଖାରୁ, ଜହ୍ନି, ଶାଗ ଏବଂ ପୋଇ ଚାଷ କରାଯାଇ ଥିବାବେଳେ ପୋଖରୀରେ ମାଛ, ବତକ ଆଦି ଚାଷ ଦେଖିଥିଲେ । ହିତାଧିକାରୀମାନଙ୍କୁ ସମସ୍ତ ପ୍ରକାର ସରକାରୀ ସୁଯୋଗ ଦେବାପାଇଁ ନିର୍ଦ୍ଦେଶ ଦେଇଥିଲେ । ସ୍ଥାନୀୟ ସରପଂଚ ଦୈତାରୀ ପରିଡାଙ୍କ ସହିତ ଆଲୋଚନା କରି ହିତାଧିକାରୀ ମାନେ ସମସ୍ତ ସୁବିଧା ପାଇପାରିବେ ନେଇ ଆଲୋଚନା କରିଥିଲେ । ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲା ମୃର୍ତ୍ତିକା ସଂରକ୍ଷଣ ବିଭାଗର ସହକାରୀ ନିର୍ଦ୍ଦେଶକ ଡ଼ଃ ଦୟାନିଧି ବାଗ, ମୃର୍ତ୍ତିକା ସଂରକ୍ଷଣ ଅଧିକାରୀ ଅଶୋକ କୁମାର ସାମଲ, ମୃର୍ତ୍ତିକା ସଂରକ୍ଷଣ ସଂପ୍ରସାରଣ ଅଧିକାରୀ ତନୁଶ୍ରୀ ରଥଙ୍କ ସହ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ପଶ୍ଚିମଂଚଳ ୬ ଟି ଜିଲ୍ଲାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ

ଝାରସୁଗୁଡା,୧୬/୮ (ନି.ପ୍ର): ଶନିବାର ଝରସୁଗୁଡ଼ାର ସ୍ୱରୂପ ଗାର୍ଡେନ ପ୍ରାଙ୍ଗଣରେ ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା ର ପଶ୍ଚିମଂଚଳ ୬ ଟି ଜିଲ୍ଲା ର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବିଜେପି ଝାରସୁଗୁଡା ଜିଲ୍ଲା ସଭାପତି ମଙ୍ଗଳ ସାହୁ ଙ୍କ ଅଧକ୍ଷତାରେ ହୋଇଥିବା ବୈଠକରେ ମୁଖ୍ୟ ଅତିଥି ଭାବରେ କୃଷକ ମୋର୍ଚ୍ଚା ର ରାଜ୍ୟ ସଭାପତି ତଥା ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ଯୋଗ ଦେଇ କୃଷକ ମାନଙ୍କର ବିଭିନ୍ନ ସମସ୍ୟା କୁ ନେଇ ବିବରଣୀ ପ୍ରଦାନ କରିଥିଲେ ।ତା ସଙ୍ଗେ ସଙ୍ଗେ କେନ୍ଦ୍ର ସରକାର ଚାଷୀ ମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସାର, କିଷାନ ନିଧିଟଙ୍କା ଏବଂ ବିଭିନ୍ନ ଉପକରଣ ଓଡିଶା ସରକାରଙ୍କର ପ୍ରତିନିଧି ମାନେ ବାଟ ମାରନା କରୁଥିବାରୁ ଚାଷୀ ମାନଙ୍କ ପାଖରେ କେନ୍ଦ୍ର ସହାୟତା ଠିକ ଭାବରେ ପହଂଚି ପାରୁନଥିବା ଅଭିଯୋଗ କରିଥିଲେ ।ଫସଲ ବୀମା ପଞ୍ଜିକରଣ ସୀମା ଅଗଷ୍ଟ ୧୬ ତାରିଖ ରଖାଯାଇଛି କିନ୍ତୁ ଚାଷୀ ବର୍ତ୍ତମାନ ଚାଷ କାମରେ ବ୍ୟସ୍ତ ଥିବାରୁ ପଞ୍ଜିକରଣ କରିପାରିନାହାନ୍ତି । ଅଧାରୁ ଅଧିକ ଚାଷୀ ବୀମା ପାଞ୍ଜିକାରଣରୁ ବଂଚିତ ହେଉଛନ୍ତି ଯାହା ଦ୍ୱାରା ଏ ବର୍ଷ ଧାନ ବିକ୍ରି କରିପାରିବେ ନାହିଁ ତେଣୁ ପଞ୍ଜିକରଣ ତାରିଖକୁ ଏକ ମାସ ବୃଦ୍ଧି କରି ସେପଟ୍ମ୍ବର ପର୍ଯ୍ୟନ୍ତ ପଞ୍ଜିକରଣ କରାଯିବା ପାଇଁ ଦାବିକରିଥିଲେ।।ଏହି ବୈଠକରେ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ , ବିଜେପି ଝାରସୁଗୁଡା ଜିଲ୍ଲା ସଭାପତି ମଙ୍ଗଳ ସାହୁ ଅନ୍ୟମାନଙ୍କ ମଧରେ ବରିଷ୍ଠ ନେତା ରଞ୍ଜନ ପଟେଲ ,ରାଷ୍ଟ୍ରୀୟ କୃଷକ ମୋର୍ଚ୍ଚା ସମ୍ପାଦକ ବିଜୟ ଖାଲକୋ,ବିଜେପି ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ମୁରାରୀ ପାଣିଗ୍ରାହୀ,ଉପାଧା ପାଣିଗ୍ରାହୀ ,ମହେନ୍ଦ୍ର କେଡ଼ିଆ ,ଚନ୍ଦ୍ର ଶେଖର ପଣ୍ଡା, ଭଅଁରା ଟପ୍ପୋ ,ସୁରେଶ ଚନ୍ଦ୍ର ପଟେଲ ,ଅରୁଣ କୁମାର ବେହେରା, ରବୀନ୍ଦ୍ର ପଟେଲ ,ଚନ୍ଦ୍ରମଣି ସିଂ,ପ୍ରେମସେନ ରାଏ, ବୀମଳେନ୍ଦୁ ଭୋଳ, ନେତାଜୀ ପଟ୍ଟନାୟକ, ନବଲ ଅଗ୍ରୱାଲ, ମହମ୍ମଦ ଖୁର୍ଷିଦ ଆଲାମ ଖାଁ, ବୈଜନ୍ତି ତାଣ୍ଡିଆ, ସୋନୁ ଥିରାଣୀ ,ରଘୁରାମ ପାଳ, ଆଲୋକ ସାହୁ ଉପସ୍ଥିତ ଥିଲେ।

# ଅପହୃତ ଲୁହାପଥର ବୋଝେଇ ଟ୍ରକ୍ ଜବତ : ମୁଖ୍ୟ ଅଭିଯୁକ୍ତ ସମେତ ୩ ଗିରଫ

ସମ୍ବଲପୁର,୧୬/୮ (ନି.ପ୍ର): ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ା ରୁଙ୍ଗଟା ମାଇନ୍ସରୁ ଛତିଶଗଡ଼ ଦୁର୍ଗ ସ୍ଥିତ ପାୱାର ଆଣ୍ଡ ଷ୍ଟିଲ୍ ଅଭିମୁଖେ ଯାଉଥିବା ଏକ ଟ୍ରକ୍ କୁ ଗତ ୬ ତାରିଖରେ କେତେକ ଦୁର୍ବୃତ ଅପହରଣ କରି ନେଇଥିଲେ । ଏ ସମ୍ପର୍କରେ ଟ୍ରକ୍ ର ମାଲିକ ତଥା ଦୁର୍ଗ ଜାମୁଲ ଥାନା ଅନ୍ତର୍ଗତ ଏମପି ହାଉସିଂବୋର୍ଡ଼ରୁ ସୁନିଲ କୁମାର ଜଲାନ ସମ୍ବଲପୁର ଜିଲ୍ଲା ଜମନକିରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏ ସମ୍ପର୍କରେ ୮୫/୨୧ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ମାମଲାରେ ମୁଖ୍ୟ ଅଭିଯୁକ୍ତ ସମେତ ୩ ଜଣଙ୍କୁ ଗିରଫ କରିବା ସହ ଅପହରଣ ଘଟଣାରେ ବ୍ୟବହୃତ କାର୍ କୁ ଜବତ କରିଛି ପୋଲିସ । ସୂଚନା ଅନୁଯାୟୀ, ଗତ ୬ ତାରିଖ ଅପରାହ୍ନ ସାଢ଼େ ୨ଟା ସମୟରେ ଟ୍ରକ୍ ନଂ ସିଜି ୦୯-ଜେଜି ୩୧୧୦ ଛତିଶଗଡ଼ ରାୟପୁର ଅଭିମୁଖେ ଯାଉଥିବା ବେଳେ ଜମନକିରା ଥାନା ଷଣ୍ଢପଥର ଛକ ନିକଟରେ ସୁଜିତ ଜାମଦଲିଆ (୩୨), ବିପ୍ର ପ୍ରଧାନ (୧୯) ଓ ଜିଆ ଉଲ୍ ହକ୍ (୩୧) ଓଡ଼ି୧୫ସି ୫୩୦୩ ନଂ କାର୍ ଯୋଗେ ଆସି ଟ୍ରକ୍ ଟିକୁ ଅଟକାଇଥିଲେ । ସେମାନଙ୍କ ମଧ୍ୟରୁ ଜିଆ ଉଲ୍ ହକ୍ ନାମକ ଅଭିଯୁକ୍ତ ନିଜକୁ ରିକଭରି ଏଜେଂଟ ପରିଚୟ ଦେବା ସହ ଅଭିଯୁକ୍ତ ମାନେ ଟ୍ରକ୍ ଟିକୁ ବଳପୂର୍ବକ ଅପହରଣ କରି ନେଇଥିଲେ । ଜମନକିରା ଥାନା ପୋଲିସ ଘଟଣାର ତଦନ୍ତ କରି ମାମଲାରେ ଜଡ଼ିତ ତିନି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅପହରଣ କାର୍ଯ୍ୟରେ ନିୟୋଜିତ କାର୍ ଓ ଅପହୃତ ଲୁହାପଥର ବୋଝେଇ ଟ୍ରକ୍ କୁ ଜବତ କରିଥିଲା । ଏଠାରେ ସୂଚନାଯୋଗ୍ୟ, ଏହି ଅପହରଣ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁଜିତ ଜାମଦଳିଆ ବିରୋଧରେ ଜମନକିରା ଥାନାରେ କ୍ରମାଗତ ତିନୋଟି ଲୁଟ୍ କେସ୍ ରହିଥିବା ସମ୍ବଲପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବି. ଗଙ୍ଗାଧର ଠାରୁ ପ୍ରକାଶ । ଗିରଫ ସୁଜିତ ଓ ବିପ୍ରଙ୍କ ଘର ଜମନକିରା ଥାନା ଅନ୍ତର୍ଗତ ରାଧାକୃଷ୍ଣପଡ଼ାରେ ହୋଇଥିବା ବେଳେ ଅଭିଯୁକ୍ତ ଜିଆ ଉଲ୍ ର ଘର ଧନୁପାଲି ଥାନା ଅନ୍ତର୍ଗତ ସୋନାପାଲିରେ ବୋଲି ଏସପି ସୂଚନା ଦେଇଛନ୍ତି ।

# ରାମଚଣ୍ଡୀ ସାହି ରାସ୍ତାରେ ପାଣି ଭାସୁଛି

ପୁରୀ,୧୬/୮ (ନି.ପ୍ର): ଆସୁଛି ପୌର ନିର୍ବାଚନ । ତତ୍ପର ହେଲେଣି ଆଶାୟୀ କାଉନସିଲର । ସବୁଠାରୁ ଦୁଃଖର ବିଷୟ ୩ବର୍ଷ ହେଲାଣି ପୌରସଂସ୍ଥା ଭାଙ୍ଗିଯିବା ପରେ ସାହି କାମ ଗୁଡ଼ିକ ପଡ଼ିରହିଛି । କେଉଁଠି ଡ୍ରେନ ଭାଙ୍ଗି ଗଲାଣିତ କେଉଁଠି ରାସ୍ତାରୁ ଗୋଡ଼ି ଉଠିଗଲାଣି । ବିଶ୍ୱ ଐତିହ୍ୟ ସହରର ଅବସ୍ଥା ଦିନକୁ ଦିନ ଶୋଚନୀୟ ହୋଇପଡ଼ିଲାଣି । ରାସ୍ତାରେ ଚାଲି ଚାଲି ଯିବା ପାଇଁ ଅସହ୍ୟ ହେଲାଣି । ପୌରାଞ୍ଚଳ ଅଧୀନ ୨୮ ନମ୍ବର ୱାର୍ଡ଼ର ବାଙ୍କି ମୁହାଣ ରାମଚଣ୍ଡୀ ସାହିର ମୁଖ୍ୟ ରାସ୍ତାର ଫଂଚମୁଖୀ ମହାବୀର ନିକଟରେ ଏବେ ୧୦ଦିନ ହେଲାଣି ନଳା ପାଣି ଓ ବର୍ଷା ପାଣି ଅଠକି ରହିଛି । ଡ୍ରେନ ନଥିବା ଯୋଗୁଁ ପାଣି ଯାଉନି କି ବାଟ ପାଉନି । ସାହି ଲୋକମାନେ ସେହି ପାଣିରେ ଯାଆସ କରିବା ଯୋଗୁ ପାଦରେ ଚର୍ମରୋଗ ବାହାରିଲାଣି । ବସ୍ତିରେ ଶହ ଶହ ଲୋକ ରହିବା ସହ ବିଭିନ୍ନ ସାହିକୁ ସଂଯୋଗ ରହିଥିବାରୁ ଏହି ରାସ୍ତା ଏବେ ବିପର୍ଯ୍ୟସ୍ତ ହୋଇପଡ଼ିଛି । ତୁରନ୍ତ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥା କରିବା ପାଇଁ ସାହି ବାସିନ୍ଦାମାନେ ଦାବି କରିଛନ୍ତି ।

# ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

ଜୟପୁର,୧୬/୮ (ନି.ପ୍ର): ଜୟପୁର ନିକଟସ୍ଥ ତେଲିଗୁଡା ଠାରେ ଥିବା ଆରସିଏମସ କାର୍ଯ୍ୟାଳୟ ନିକଟରେ ଜାତୀୟ ରାଜପଥ ୨୬ କୁ ଅବରୋଧ କଲେ ଚାଷି । ଚାଷି ମାନେ ଅଭିଯୋଗ କରିଛନ୍ତି ଯେ ଆରସିଏମସ ସାର ଦେବାକୁ ହଇରାଣ କରୁଛି । ଆଜି ଆସ .କାଲି କି ଆସ. କୃଷି ଅଧିକାରି ଙ୍କ ଠାରୁ ଲେଖି କିଆଣ କହି ପ୍ରତାରଣା କରୁଛି । ଚାଷି ଚାଷ କରିବେ ନ ସାର ପାଇଁ ଦୈଡି ବେଲି ପ୍ରଶ୍ନ କରିଛନ୍ତି । ଚାଷିଙ୍କ ସମସ୍ୟା ଦ୍ୱିଗୁଣିତ ହେବା ବେଳେ ପ୍ରଶାସନିକ ଅଧିକାରି ମାନେ ନିରବ ରହିଛନ୍ତି । ଆରସିଏମଏସ ସାର ନବାରୁ ୨୫୦ ଟଙ୍କା ସାର କୁ ୧୫ ଶହ ଟଙ୍କାରେ ଚାଷି କିଣୁଥିବା ଚାଷି ମାନେ ଅଭିଯୋଗ କରିଛନ୍ତି । ଫଳରେ କିଛି ଚାରା ନପାଇ ଜାତୀୟ ରାଜପଥ ୨୬ କୁ ଅବରୋଧ କରିଥିଲେ । ଚାଷି ଙ୍କ ଦାବୀକୁ ଜୟପୁର ବିଜେପି ନେତା ଗୌତମ ସାମନ୍ତରାୟ ସମର୍ଥନ ଜଣାଇ ଥିଲେ । ସଦର ପୋଲିସ ଘଟଣା ସ୍ଥଳରେ ପହଂଚି ଚାଷିଙ୍କୁ ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଛିଲା । ସାର ଗଛିତ ଅଛି କିନ୍ତୁ ଆରସିଏମଏସ ଚାଷିକୁ ଦେଉନଥିବା ଚାଷି ମାନେ ଅଭିଯୋଗ କରିଛନ୍ତି ।

# ମଦ୍ୟପାନ ଜୀବନ ନାଶର କାରଣ




ମଦ୍ୟପାନ ଏକ ସାମାଜିକ ବ୍ୟାଧି । ଆର୍ଥିକ, ମାନସିକ, ପାରିବାରିକ, ସାମାଜିକ ଓ ଦୁର୍ଘଟଣା ଇତ୍ୟାଦି ବହୁ ସମସ୍ୟା ଏହି ବ୍ୟାଧି ସହିତ ଜଡ଼ିତ । ଏହାର ସମାଧାନ ପାଇଁ ବିଭିନ୍ନ ସ୍ତରରେ ପ୍ରଚେଷ୍ଟା ଆପଶ୍ୟକ ହୋଇଥାଏ । ମଦ୍ୟପାନ ଦ୍ୱାରା ଶରୀରର ପ୍ରତ୍ୟେକ ଅଙ୍ଗ ଧିରେ ଧିରେ ଅଜାଣତରେ ରୋଗଗ୍ରସ୍ତ ହୋଇଥାଏ । ମଦ୍ୟପାନର ପ୍ରଥମ ବିଷଦୃଷ୍ଟି ଯକୃତ ଉପରେ ପଡ଼ିଇଥାଏ । ଯକୃତରେ ଚର୍ବି ଜମିଯାଏ, ରୋଗୀକୁ ଜଣ୍ଡିସ୍ ହୁଏ, ରୋଗୀ ଲିଭର ସିରୋସିସ୍‌ରେ ଆକ୍ରାନ୍ତ ହୁଏ ବେଳେବେଳେ ଲିଭର କ୍ୟାନସର ମଧ ହୋଇଥାଏ । ମଦ୍ୟପାନ ସହିତ ହେପାଟାଇଟିସ୍ ବିଓ ହେପାଟାଇଟିସ୍ ସି ମିଶାଟାଇ ଯକୃତତକୁ ଅତ୍ୟଧିକ କ୍ଷତି କରନ୍ତି । ଦୈନିକ ୬୦ ଗ୍ରାମରୁ ଅତ୍ୟଧିକ ମଦ ପିଇଲେ ତାହା ଯକୃତର କୋଷକୁ ନଷ୍ଟ କରି ଫାଇବ୍ରୋସିସ୍ କରେ । ୮ବର୍ଷରୁ ଅଧିକ ମଦ୍ୟାପନ କଲେ ଲିଭର ସିରୋସିସ୍ ରୋଗରେ ଆକ୍ରାନ୍ତ ହୁଏ । ମହିଳାମାନେ ୨୦ ଗ୍ରାମରୁ ଅଧିକ ଓ ପୁରୁଷମାନେ ୬୦ ଗ୍ରାମରୁ ମଦ୍ୟପାନ କଲେ ସେମାନଙ୍କୁ ସିରୋସିସ୍ ରୋଗ ହୋଇଥାଏ । ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା ମଦ୍ୟପାନ ଦ୍ୱାରା ୩ଗୁଣ କ୍ଷତିଗ୍ରସ୍ତ ହୁଅନ୍ତି । ପୃଥିବୀରେ ଉତ୍ପାଦିତ ସବୁ ପ୍ରକାର ମଦର ଏକ ପଞ୍ଚମାଂଶ ଭାରତୀୟମାନେ ପିଇଥାନ୍ତି । ସେହିପରି ଏକ ଗବେଷଣକାରୀ ସଂସ୍ଥାର ତଥ୍ୟ ଅନୁଯାୟୀ ଭାରତ ବର୍ଷରେ ବ୍ୟବହୃତ ମଦର ଦୁଇ ତୃତୀୟଂଶ ଚୋରା ମଦ କାରବାରରୁ ଆସିଥାଏ । ଭାରତ ବର୍ଷରେ ୧୫ଲକ୍ଷ କୋଟି ଟଙ୍କାର ବିୟର, ୱାଇନ ଓ ଅନ୍ୟାନ୍ୟ ମଦ ବିକ୍ରି ହୋଇଥାଏ । ପୃଥିବୀରେ ପାନ କରାଯାଉଥିବା ହ୍ୱିସ୍କି ମଦ ବଜାରରେ ଭାରତର ସ୍ଥାନ ଏକ ନମ୍ବର । ସେହିପରି ସୂଚନା ପ୍ରଯୁକ୍ତିର ବ୍ୟପକତା, ଅର୍ଥନୈତିକ ଉନ୍ନତି, ଦୃଢ଼ ସହରୀକରଣ, ଜୀବନଭ୍ୟାସରେ ପରିବର୍ତ୍ତନ, ସାମାଜିକ ଚାହିଦା ଓ କୌଣସି ପ୍ରକାର ମାନସିକ ଅବସାଦ କାରଣରୁ ଦିନକୁ ଦିନ ବିଶେଷକରି ଯୁବକମାନେ ଏହାପ୍ରତି ଆକୃଷ୍ଟ ହେଉଛନ୍ତି । ବିଭିନ୍ନ ମହାନଗର ମଦ ବନ୍ଦ ହେଉଛି ଏହି ବ୍ୟାଧିର ଏକମାତ୍ର ଚିକିତ୍ସା । ସରକାରୀର ସ୍ତରରେ ୧୯୫୬ ମସିହାରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡାଙ୍କ ଚେଷ୍ଟାରେ ମଦ ନିବାରଣ ନିୟମକୁ ମାନ୍ୟବର ରାଷ୍ଟ୍ରପତି ମହୋଦୟ ଅନୁମୋଦନ କରିଛନ୍ତି । ନିଶା ନିବାରଣକୁ ଦୃଷ୍ଟିରେ ରଖି ମଦ ଦୋକାନର ସଂଖ୍ୟା ହ୍ରାସ କରାଯାଇଛି । ୨୦୧୩-୧୪ ବର୍ଷ ଆରମ୍ଭରେ ରାଜ୍ୟରେ ମୋଟ ୪୦୩୪ ଗୋଟି ବିଭିନ୍ନ କିସମର ମଦ ଦୋକାନ ପ୍ରଚଳିତ ଥିଲା । ୨୦୧୩-୧୪ ବର୍ଷର ଶେଷ ଆଡ଼କୁ ତଥା ୨୦୧୪-୧୫ ବର୍ଷ ଆରମ୍ଭରେ ମୋଟ ୩୬୭୦ ବିଭିନ୍ନ ପ୍ରକାରର ମଦ ଦୋକାନ ରାଜ୍ୟରେ ପ୍ରଚଳିତ ଥିଲା । ଅବକାରୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ନୀତି ନିର୍ଦ୍ଧାରଣ କମିଟିର ପ୍ରଚେଷ୍ଟାରେ ଓ ମାନ୍ୟବର ଉଚ୍ଚନ୍ୟାୟାଳର ହସ୍ତକ୍ଷେପ ଫଳରେ ୩୬୪ଟି ମଦ ଦୋକାନକୁ ବନ୍ଦ କରାଯାଇଛି । ମହିଳାମାନଙ୍କୁ ବାର ଗୁଡ଼ିକରେ ନିୟୋଜିତ ନ କରିବା ନିମନ୍ତେ ଅବକାରୀ ଆଇନ ଅନୁସାରେ କାର୍ଯ୍ୟନୁଷ୍ଠାନ ଗ୍ରହଣ ନିମନ୍ତେ ସରକାର ବିଚାର କରୁଛନ୍ତି । ଜାତୀୟ ରାଜପଥରେ ଘଟୁଥିବା ସଡ଼କ ଦୁର୍ଘଟଣା ଗୁଡ଼ିକ ପାଇଁ ନିଶାଗ୍ରସ୍ତ ଚାଳକମାନେ ଅନେକାଂଶରେ ଦାୟୀ । ତେଣୁ ସଡ଼କ ଦୁର୍ଘଟଣା ଏଡ଼େଇବା ପାଇଁ ଜାତୀୟ ରାଜପଥର ଓ ରାଜ୍ୟ ରାଜପଥର ୫୦ ମିଟର ମଧରେ ଥିବା ବିଦେଶୀ ଠିପି ବନ୍ଦ, ବିଦେଶୀ ଠିପି ଖୋଲା, ଦେଶୀ ତଥା ବାହାର ଭାଟି (ମହୁଲି) ମଦ ଦୋକାନ ଗୁଡ଼ିକୁ ସ୍ଥାନାନ୍ତରିତ ପାଇଁ ଓଡ଼ିଶା ସରକାର ନିର୍ଦ୍ଦେଶ ଦେଇଛନ୍ତି । ଅବକାରୀ ଧରପଗଡ଼କୁ ଅଧିକ କ୍ରିୟାଶୀଳ କରିବା ନିମନ୍ତେ ଜିଲ୍ଲା ସ୍ତରରେ ସ୍କ୍ୱାର୍ଡ ଗଠନ କରାଯାଇଛି । ଓଡ଼ିଶାର ମୁଖ୍ୟତଃ ୮ଗୋଟି ଜିଲ୍ଲା ଯଥା ଅନୁଗୁଳ, ଦେବଗଡ଼, ସମ୍ବଲପୁର, ଗଜପତି, କନ୍ଧମାଳ, ବୌଦ୍ଧ, ମାଲକାନାଗିରି ଓ ରାୟଗଡ଼ା ଜିଲ୍ଲାର ଘଞ୍ଚ ଜଙ୍ଗଲ ଓ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ବେଆଇନ ଗଞ୍ଜେଇ ଗଛକୁ ନଷ୍ଟ କରାଯାଉଛି । ନାରୀ ସଶକ୍ତିକରଣ ମାଧମରେ ମଦ ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ମୃତ୍ୟୁ ବିଭୀଷିକାକୁ ବହୁ ପରିମାଣରେ ରୋକାଯାଇ ପାରିବ । ଗୁଜୁରାଟ, ମଣିପୁର, ନାଗାଲାଣ୍ଡ, ଲାକ୍ଷାଦ୍ୱୀପ ଓ ବର୍ତ୍ତମାନ ବିହାରରେ ସମ୍ପୂର୍ଣ୍ଣ ମଦ ନିବାରଣ କରାଯାଇଛି ।



କିଣୁଥିବା ବ୍ୟକ୍ତିମାନଙ୍କ ଭିତରୁ ୩୨ ପ୍ରତିଶତଙ୍କ ବୟସ ୧୭ବର୍ଷରୁ ୨୫ବର୍ଷ ହୋଇଥିବା ବେଳେ ୧.୫ ପ୍ରତିାତଙ୍କ ବୟସ ୧୬ବର୍ଷରୁ କମ । ମଦ କିଣୁଥିବା ୪୫ ପ୍ରତିଶତ ଲୋକଙ୍କର ବୟସ ୨୬ରୁ ୫୦ ବର୍ଷ ଭିତରେ । ଲିଭର ଫାଇବ୍ରୋସ୍କାନ ଯନ୍ତ୍ରର ଆବଶ୍ୟକତା ରହିଛି । ଖାଇବା ସମୟ ବାଦ ଦେଇ ଅଲଗା ସମୟରେ ମଦ୍ୟପାନ କଲେ ଲିଭର ୨ରୁ ୩ଗୁଣ କ୍ଷତିଗ୍ରସ୍ତ ହୋଇଥାଏ । ବିଂଜ୍ ମଦ୍ୟପାନ ଦ୍ୱାରା ଲିଭର ଆହୁରି ବିଶେଷ ଭାବରେ ଆକ୍ରାନ୍ତ ହୁଏ । ଅତ୍ୟଧିକ ଚର୍ବିଯୁକ୍ତ ଖାଦ୍ୟ ଓ ମଦ ଏକା ସାଙ୍ଗରେ ଖାଇଲେ ଯକୃତର ଅଧିକ କ୍ଷତି ହୁଏ । ଛାତିରେ ପାଣି ଜମିଯାଏ ଓ ନିଃଶ୍ୱାସ ପ୍ରଶ୍ୱାସରେ କଷ୍ଟ ହୁଏ । ମଦ୍ୟପାନ ଯୋଗୁଁ ଜଣ୍ଡିସ୍ ହେଲେ ବେଳେ ରୋଗୀ ଚେତାଶୂନ୍ୟ ହୋଇଯାଏ, ପେଟରେ ପାଣି ଜମିଯାଏ, ରକ୍ତବାନ୍ତି ଓ କଳା ଝାଡ଼ା ହୁଏ, ପରିସ୍ରା କମିଯାଏ ଓ ବୃକ୍କକ୍ ମଧ ଆକ୍ରାନ୍ତ ହୁଏ । ହୃତପିଣ୍ଡ, ଅଗ୍ନାଶୟ, ବୃକ୍କକ୍ ମସ୍ତିଷ୍କ, ସ୍ନାୟତନ୍ତ୍ରୀ ଇତ୍ୟାଦି ଅଙ୍ଗ ମଦ୍ୟାପନ ଦ୍ୱାରା ଆକ୍ରାନ୍ତ ହୁଏ । ମଦ୍ୟପାନ



# ଇ-ରୁପି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା

ଆଜି ଦେଶ ଏକ ଭିନ୍ନ ଓ ନୂତନ ଚିନ୍ତାଧାରା ନେଇ ଆଗକୁ ବଢୁଛି। ଗରିବଙ୍କୁ ସହାୟତା ଯୋଗାଇବା ପାଇଁ, ସେମାନଙ୍କ ପ୍ରଗତି ପାଇଁ ପ୍ରଯୁକ୍ତିକୁ ଏକ ବଳିଷ୍ଠ ଉପକରଣ ଭାବେ ବିବେଚନା କରାଯାଉଛି । 'ଡିଜିଟାଲ ଇଣ୍ଡିଆ' ନୂତନ ଭାରତରେ ନାଗରିକଙ୍କ ଆଶା ଆକାଂକ୍ଷାର ସଫଳ ରୂପାୟନର ଏକ ବଳିଷ୍ଠ ମାଧମ ପାଲଟିଛି ।

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିକଟରେ ଇ-ରୁପି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି । ଏହା ହେଉଛି ଏକ ବ୍ୟକ୍ତି ଓ ଉଦ୍ଦେଶ୍ୟ ନିର୍ଦ୍ଦିଷ୍ଟ ଡିଜିଟାଲ ଅର୍ଥପଇଠ ବ୍ୟବସ୍ଥା । ଇ-ରୁପି ହେଉଛି ଡିଜିଟାଲ ଅର୍ଥପଇଠି ପାଇଁ ଏକ ନଗଦମୁକ୍ତ ଓ ସ୍ପର୍ଶବିହୀନ ମାଧ୍ୟମ।

ଏହାର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉଦବୋଧନ ଦେଇ, ପ୍ରଧାନମନ୍ତ୍ରୀ କହିଥିଲେ ଯେ ଇରୁପି ଭାଉଚର ଦେଶରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି)କୁ ଅଧିକ ପ୍ରଭାବୀ କରିବା ସହିତ ଡିଜିଟାଲ ପ୍ରଶାସନକୁ ଏକ ନୂଆ ରୂପ ଦେବା ଏହା ପ୍ରତ୍ୟେକଙ୍କୁ ଲକ୍ଷ୍ୟବଦ୍ଧ, ପାରଦର୍ଶୀ ଓ ବାଟମାରଣାମୁକ୍ତ ଅର୍ଥପ୍ରଦାନରେ ସହାୟକ ହେବ । ସେ କହିଲେ ଯେ ପ୍ରଯୁକ୍ତି ମାଧ୍ୟମରେ ଲୋକମାନଙ୍କୁ ଯୋଡ଼ିବା ଜରିଆରେ ଭାରତ କିପରି ପ୍ରଗତି ହାସଲ କରୁଛି ତାହାର ଏକ ପ୍ରତୀକ ହେଉଛି ଇ-ରୁପି । ଦେଶ ସ୍ୱାଧୀନତାର ୭୫ତମ ବର୍ଷ ପୂର୍ତ୍ତି ଉପଲକ୍ଷେ ଅମୃତ ମହୋତ୍ସବ ପାଳନ କରାଯିବା ସମୟରେ ଏପରି ସଂସ୍କାରମୂଳକ ଯୋଜନା ଆରମ୍ଭ କରାଯିବା ନେଇ ସେ ଖୁସି ବ୍ୟକ୍ତ କରିଥିଲେ ।

ସରକାରଙ୍କ ସହିତ, ଯଦି କୌଣସି ସଂଗଠନ ଚିକିତ୍ସା, ଶିକ୍ଷା କିମ୍ବା ଅନ୍ୟ କୌଣସି କାର୍ଯ୍ୟ ପାଇଁ କାହାକୁ ସହାୟତା କରିବାକୁ ଚାହୁଁଛନ୍ତି, ତା'ହେଲେ ସେମାନେ ନଗଦ ଟଙ୍କା ବଦଳରେ ଇ-ରୁପି ଭାଉଚର ଦେଇପାରିବେ। ଏହା ଫଳରେ ଯେଉଁ ଉଦ୍ଦେଶ୍ୟ ପାଇଁ ଅର୍ଥ ପ୍ରଦାନ କରାଯାଇଛି ସେହି ଉଦ୍ଦେଶ୍ୟରେ ଅର୍ଥର ବିନିଯୋଗ ହେବା ସୁନିଶ୍ଚିତ ହୋଇପାରିବ ।

ଇ-ରୁପି ମାଧ୍ୟମରେ ପଇଠ କରାଯାଉଥିବା ଅର୍ଥ ଯେକୌଣସି ସହାୟତା କିମ୍ବା କୌଣସି ଲାଭର ନିର୍ଦ୍ଧାରିତ ଉଦ୍ଦେଶ୍ୟରେ ହିଁ ବିନିଯୋଗ ହୋଇପାରିବ। ପ୍ରଯୁକ୍ତି ଅର୍ଥ କାରବାର କ୍ଷେତ୍ରରେ ସ୍ୱଚ୍ଛତା ଓ ବିଶ୍ୱସନୀୟତା ଆଣିଛି ଏବଂ ଗରିବ ଲୋକଙ୍କୁ ଏହାର ଲାଭ ପହଞ୍ଚାଇବା ସହିତ ନୂତନ ସୁଯୋଗ ସୃଷ୍ଟି କରିପାରିଛି। ଅଭିନବ ଉତ୍ପାଦ ପ୍ରସ୍ତୁତ କରିବା ଲାଗି, ମୋବାଇଲ ଓ ଆଧାରକୁ ଯୋଡ଼ି ଜାମ ବ୍ୟବସ୍ଥା କିଛି ବର୍ଷ ଧରି ବିକଶିତ କରାଯାଉଥିଲା। ଜାମର ଲାଭ ଲୋକମାନଙ୍କ ନିକଟରେ ପହଞ୍ଚିବା ଲାଗି କିଛି ସମୟ ନେଇଥିଲା ଏବଂ ଆମେ ଦେଖୁ ଯେ କିପରି ଭାବେ ଆମେ ଏହା ମାଧ୍ୟମରେ ଲକଡାଉନ ସମୟରେ ଲୋକମାନଙ୍କୁ ସହାୟତା କରିପାରିଲୁ। ଭାରତରେ ପ୍ରତ୍ୟକ୍ଷ ଲାଭ




ହସ୍ତାନ୍ତର ମାଧ୍ୟମରେ ସିଧାସଳଖ ଲୋକମାନଙ୍କର ବ୍ୟାଙ୍କ ଆକାଉଣ୍ଟକୁ ସାଢ଼େ ସତୁରି ଲକ୍ଷ କୋଟି ଟଙ୍କାରୁ ଅର୍ଥ ହସ୍ତାନ୍ତର କରାଯାଇପାରିଛି। ତିନି ଶହରୁ ଅଧିକ ଯୋଜନାରେ ଡିବିଟିର ଉପଯୋଗ କରାଯାଉଛି। ୨୦ କୋଟି ଭାରତୀୟ ଏଲପିଜି, ରାସନ, ଚିକିତ୍ସା, ବୃତ୍ତି, ଭତ୍ତା କିମ୍ବା ମଜୁରି ଆଦି ପଇଠ କ୍ଷେତ୍ରରେ ଭିନ୍ନ ଭିନ୍ନ ମାର୍ଗରେ ଲାଭବାନ ହେଉଛନ୍ତି। ପିଏମ କିଷାନ ସମ୍ମାନ ନିଧି ଯୋଜନା ଅନ୍ତର୍ଗତ ଚାଷୀମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ସିଧାସଳଖ ହସ୍ତାନ୍ତର କରାଯାଇଛି। ସରକାର ଗହମ କ୍ରୟ ପାଇଁ ଏହି ବ୍ୟବସ୍ଥା ମାଧ୍ୟମରେ ୮୫ ହଜାର କୋଟି ଟଙ୍କା ବ୍ୟୟ କରିଛନ୍ତି। ଏସବୁ ବ୍ୟତୀତ ଏହାର ସବୁଠାରୁ ବଡ଼ ଲାଭ ହେଉଛି ୧ ଲକ୍ଷ ୭୮ ହଜାର କୋଟି ଟଙ୍କା ଦଲାଲଙ୍କ ହାତକୁ ଯିବାରୁ ବଞ୍ଚି ପାରିଛି ।

## ସ୍ୱାଧୀନ ଶକ୍ତି ପ୍ରସାଦ

ଭାରତରେ ଡିଜିଟାଲ କାରବାରର ବିକାଶ ଫଳରେ ଗରିବ ଓ ବଞ୍ଚିତ, କ୍ଷୁଦ୍ର ବ୍ୟବସାୟୀ, ଚାଷୀ ଓ ଆଦିବାସୀ ଜନଜାତିଙ୍କ ସଶକ୍ତିକରଣ ହୋଇପାରିଛି। ଏହା ଜୁଲାଇ ମାସରେ ହୋଇଥିବା ଡିଜିଟାଲ କାରବାର ରେକର୍ଡରୁ ଜଣାପଡ଼ିଥାଏ। ଏହି ମାସରେ ୬ ଲକ୍ଷ କୋଟି ଟଙ୍କା ମୂଲ୍ୟର ୩୦୦ କୋଟି ୟୁପିଆଇ କାରବାର ହୋଇଛି।

ପ୍ରଯୁକ୍ତିକୁ ଗ୍ରହଣ କରିବା ଏବଂ ଏହାକୁ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ଆମେ କାହାଠାରୁ ପଛରେ ନାହୁଁ ବୋଲି ଭାରତ ବିଶ୍ୱ ଆଗରେ ପ୍ରମାଣିତ କରିପାରିଛି। ନବୋନ୍ମେଷ ହେଉ ଅବା ସେବା ପ୍ରଦାନ କ୍ଷେତ୍ର, ପ୍ରଯୁକ୍ତି ଉପଯୋଗରେ ଭାରତ ନିକଟରେ ବିଶ୍ୱର ଅନ୍ୟ ବୃହତ ରାଷ୍ଟ୍ରଗୁଡ଼ିକ ସହିତ ବିଶ୍ୱସ୍ତରୀୟ ନେତୃତ୍ୱ ପ୍ରଦାନ କରିବାର କ୍ଷମତା ରହିଛି । ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା ଦେଶର ଛୋଟ ସହର ଏବଂ ବଡ଼ ସହରରେ ଥିବା ୨୩ ଲକ୍ଷରୁ ଉଠା ଦୋକାନୀମାନଙ୍କୁ ସହାୟକ ହୋଇଛି। ମହାମାରୀ ସମୟରେ, ପାଖାପାଖି ୨୩୦୦ କୋଟି ଟଙ୍କା ସେମାନଙ୍କୁ ବିତରଣ କରାଯାଇଛି। ଡିଜିଟାଲ ଭିତ୍ତିଭୂମି ଓ ଡିଜିଟାଲ କାରବାର ପାଇଁ ବିଗତ ୬-୭ ବର୍ଷ ମଧ୍ୟରେ ଭାରତରେ ହୋଇଥିବା କାର୍ଯ୍ୟର ପ୍ରଭାବକୁ ସାରା ବିଶ୍ୱ ଆଜି ପ୍ରଶଂସା କରୁଛି। ବିଶେଷ କରି ଭାରତରେ, ଫିନଟେକ୍ (ଅର୍ଥପ୍ରଯୁକ୍ତି) ପାଇଁ ଏକ ବ୍ୟାପକ ଆଧାର ସୃଷ୍ଟି କରାଯାଉଛି ଯାହାକି ବିକଶିତ ରାଷ୍ଟ୍ରରେ ମଧ ନାହିଁ । ଏହା ନିଃସନ୍ଦେହ ଯେ, ଇ-ରୁପି ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ଆର୍ଥିକ ସହାୟତା ପ୍ରଦାନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ ଓ ପାରଦର୍ଶୀ କରିବ ଏବଂ ଦେଶରେ ଦଳିତ, ବଞ୍ଚିତ ଓ ଅନଗ୍ରସର ଲୋକ ସହଜରେ ନିର୍ଦ୍ଧାରିତ ସହାୟତା ରାଶି ପାଇପାରିବେ । ଏହା ଫଳରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟା ଆହୁରି ସୁଦୃଢ ହେବ ।

(ପିଆଇବି)

# ଜାଣିବା ପାଇଁ କିଛି ଟିପ୍ସ

ଅନେକ ସମୟରେ ସ୍ୱାମୀ-ସ୍ତ୍ରୀଙ୍କ ମଧରେ ବଢୁଥିବା ସମ୍ପର୍କରେ ଫାଟ ସୃଷ୍ଟି ହୋଇଥାଏ । ଏହାର ବଡ଼ କାରଣ ହେଉଛି ସ୍ୱାମୀଙ୍କର ଅନ୍ୟ ମହିଳାଙ୍କ ସହ ସମ୍ପର୍କ । ଯଦି ଆପଣଙ୍କ କ୍ଷେତ୍ରରେ ଏଭଳି କିଛି ଘଟୁଥିବାର ଆପଣ ଆଶଙ୍କା କରୁଛନ୍ତି ତେବେ ନିମ୍ନଲିଖିତ ଟିପ୍ସ ଏଥିରେ କିଛିଟା ସହଯୋଗ କରିପାରେ ।

୧. ଘରେ ଖଟ ଉପରେ ଶାରୀରିକ ସମ୍ପର୍କ ଅବା ପ୍ରେମ ସମ୍ପର୍କ ସମୟରେ ଯଦି ଆପଣ ସ୍ୱାମୀଙ୍କ ଆଚରଣ ଏବଂ ବ୍ୟବହାରରେ କିଛିଟା ଫରକ୍ ଅନୁଭବ କରାଉଛନ୍ତି ତେବେ ଏହା ମଧ ଏକ କାରଣ ହୋଇପାରେ । ତେଣୁ ଏଥିପ୍ରତି ସଜାଗ ରହିବା ଦରକାର ।

୨. ବିବାହ ପୂର୍ବବର୍ତ୍ତୀ ଏବଂ ବିବାହ ପରେପରେ ସ୍ୱାମୀଙ୍କ ମନଖୋଲା ଖର୍ଚ୍ଚ ସମ୍ପର୍କରେ ଆପଣ ନିଶ୍ଚିତ ଅବଗତ ଥିଲେ । ଯଦି ସମ୍ପର୍କରେ ଦୀର୍ଘ ମାସ ପରେ ଏହି ଧାରା ବଦଳୁଛି ବୋଲି ଆପଣ ଅନୁଭବ କମରୁଛନ୍ତି ତେବେ ଚିନ୍ତାର କାରଣ ମଧ ହୋଇପାରେ । ତେଣୁ ଏ ସମ୍ପର୍କରେ ସ୍ୱାମୀଙ୍କ ସହ ସିଧାସଳଖ କଥାବାର୍ତ୍ତା ହେବା ଦରକାର ।

୩. ଅଧିକାଂଶ ପୁରୁଷ ଅଫିସ ଓ କର୍ମ ସଂସ୍ଥାନରେ ଅନ୍ୟ ସହକର୍ମୀଙ୍କ ସହ ରୋମାନ୍ସରେ ଥିବା ଘଟଣା ଦେଖିବାକୁ ମିଳେ । ଯଦି ଆପଣଙ୍କୁ ଆପଣଙ୍କ ସ୍ୱାମୀ ଅଫିସରେ ପାର୍ଟି ଏବଂ ଅନ୍ୟ ସହଯୋଗୀଙ୍କ ପାରିବାରିକ ଉତ୍ସବରେ ନେଉନାହାଁନ୍ତି ତେବେ ଏହା ମଧ ସନ୍ଦେହକୁ ଜନ୍ମ ଦିଏ ।



# ଡାଲିମ୍ବ ମଞ୍ଜି ଚିକେନ୍ କରୀ

**ଆବଶ୍ୟକ ସାମଗ୍ରୀ:**


ଚିକେନ୍- ୧ କିଲୋ, ଦହି-୩ ଚାମଚ, ରସୁଣ ପେଷ୍ଟ- ଅଧା ଚାମଚ, ରିଫାଇନ୍‌ଡ ତେଲ-୨ ଚାମଚ, ଟମାଟୋ ପ୍ୟୁରୀ-୪ ଚାମଚ, ଡାଳିମ୍ବ ମଞ୍ଜି-୧ କପ୍, ଜିରା ପାଉଡର ୧ ଚାମଚ, ଘିଅ-୧ ଚାମଚ, ଅଦା ପେଷ୍ଟ-ଅଧା ଚାମଚ, ଲଙ୍କା ଗୁଣ୍ଡ-୧ ଚାମଚ, କାଜୁ ପେଷ୍ଟ-୧ ଚାମଚ, ପିଆଜ-୩ ଟି (କଟାଯାଇଥିବ), ଗରମ ମସଲା- ୧ ଚାମଚ ।

**ପ୍ରଣାଳୀ:**

ପ୍ରଥମେ ଚିକେନକୁ ମେରିନେଟ୍ କରାଯିବ । ସେଥିପାଇଁ ଚିକେନରେ ଅଦା ପେଷ୍ଟ, ଲଙ୍କା ଗୁଣ୍ଡ ଓ ଲୁଣ ମିଶାଇ ଗୋଳେଇ ଅଧଘଣ୍ଟା ରଖିଦିଅନ୍ତୁ । ଅଧଘଣ୍ଟା ପରେ ଏକ ପ୍ୟାନରେ ତେଲ ଗରମ କରି ସେଥିରୋ ମେରିନେଟ୍ କରାଯାଇଥିବା ଚିକେନ୍‌କୁ ପକାଇ ସିଝିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ଏବେ ଅନ୍ୟ ଏକ ପ୍ୟାନ୍‌ରେ ତେଲ ଗରମ କରି ସେଥିରେ କଟାଯାଇଥିବା ପିଆଜ ପକାଇ ୫ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ । ଭଜା ପିଆଜକୁ ମିକ୍ସିରେ ପେଷ୍ଟ କରନ୍ତୁ । ଏବେ ଡାଳିମ୍ବ ମଞ୍ଜିର ଜୁସ୍ ବାହାର କରାଯିବ । ପ୍ୟାନ୍‌ରେ ତେଲ ଓ ଘିଅ ଗରମ କରି ସେଥିରେ ଅଦା ଓ ରସୁଣ ପେଷ୍ଟ ପକାଇ ୪ ମିନିଟ୍ ପର୍ଯ୍ୟନ୍ତ ଭାଜିବା ପରେ ଜିରା ଓ ଲଙ୍କା ପାଉଡର, ଦହି, ପିଆଜ ପେଷ୍ଟ, କାଜୁ ପେଷ୍ଟ, ଟମାଟୋ ପ୍ୟୁରୀ ଓ ଗରମ ମସଲା ପକାଇ ଗୋଳେଇ ଦିଅନ୍ତୁ ଓ ୧୦ ମିନିଟ୍ ରାନ୍ଧନ୍ତୁ । ଏବେ ଏହି ମିଶ୍ରଣରେ ଚିକେନ ଖଣ୍ଡ ପକାଇ ପାଣି ଢ଼ାଳି ଘୋଡ଼େ ଦିଆଯିବ । ୧୦ ମିନିଟ୍ ପରେ ଡାଳିମ୍ବ ରସ ପକାଇ ୩ ମିନିଟ୍ ଆହୁରି ରାନ୍ଧିବାକୁ ହେବ । ଏହା ପରେ ଗ୍ୟାସ ବନ୍ଦ କରି ଫ୍ରେସ୍ କ୍ରିମ୍ ଓ ଡାଳିମ୍ବ ମଞ୍ଜି ପକାଇ ସର୍ଭ କରନ୍ତୁ ।



# ସକାଳର କାମ



ଏବର ବ୍ୟସ୍ତଭରା ଜୀବନରେ ଲୋକଙ୍କର ଦୈନନ୍ଦିନ କାର୍ଯ୍ୟଶୈଳୀ ପ୍ରଭାବିତ ହେବା ସହ ପରିବର୍ତ୍ତନ ହୋଇଛି। କେବଳ ଭାରତ ନୁହେଁ, ପ୍ରାୟ ସମସ୍ତ ରାଷ୍ଟ୍ରରେ ଶୀଘ୍ର ଶଯ୍ୟା ତ୍ୟାଗ କରିବା ଏକ ଉତ୍ତମ ଦିନଚର୍ଯ୍ୟା ଭାବରେ ଗ୍ରହଣ କରାଯାଏ। ହେଲେ କାର୍ଯ୍ୟଭାରରେ ଯେପରି ଲୋକେ ଏହି କଥାକୁ ଭୁଲିବାକୁ ବସିଲେଣି। ସର୍ବେକ୍ଷଣରୁ ପ୍ରକାଶିତ ଯେ କେବଳ ଭାରତ ଓ ଜାପାନରେ କେତେକ ଅଂଚଳରେ ଲୋକେ ବର୍ତ୍ତମାନ ଭୋର ସମୟରେ ଶଯ୍ୟା ତ୍ୟାଗ କରୁଛନ୍ତି। ଭାରତରେ ଶୀଘ୍ର ଶଯ୍ୟା ତ୍ୟାଗ ନିୟମରେ ଦକ୍ଷିଣ ଭାରତୀୟ ସର୍ବାଗ୍ରେ ରହିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏ ବାବଦରେ କେତେକ ତଥ୍ୟମାନ ପ୍ରକାଶ କରିଛନ୍ତି।

- ପରୀକ୍ଷାରୁ ଜଣାପଡ଼ିଛି ଯେ ସକାଳ ୮ଟା ପୂର୍ବରୁ ଶଯ୍ୟା ତ୍ୟାଗ କରୁଥିବା ଲୋକ ଖୁବ କମ୍ ଅବସାଦଗ୍ରସ୍ତ ହୋଇଥାନ୍ତି।
- ସକାଳୁ ଉଠି ବିଭିନ୍ନ ପ୍ରକାର ଘରୋଇ କାମ କଲେ ମସ୍ତିଷ୍କ କାର୍ଯ୍ୟକ୍ଷମ ହୋଇଥାଏ। ୬୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ଲୋକେ ପ୍ରତ୍ୟହ ସକାଳେ କିଛିକିଛି ଘର କାମ କଲେ ସେମାନେ ବେଶ୍ ଫୁର୍ତ୍ତି ଅନୁବ କରୁଥିବା ଗବେଷକମାନେ ପରୀକ୍ଷାରୁ ପ୍ରକାଶ କରିଛନ୍ତି।
- ଯୁବପିଢ଼ି ଶଯ୍ୟା ତ୍ୟାଗ କରି କିଛି ସମୟ ଧ୍ୟାନରେ ବସିବା ଉଚିତ। ଏପରି କଲେ ସେମାନଙ୍କ ଅବସାଦ କମ ହୋଇଥାଏ। ଶଯ୍ୟା ତ୍ୟାଗପରେ କିଛି ସମୟ ଛାତ ଉପରେ କିମ୍ବା ଖୋଲା ଜାଗାରେ ଭ୍ରମଣ କରିବା ଭଲ।

# କଦଳୀ, ବେସନ୍ ପ୍ୟାକ୍

କଦଳୀରେ ଜଳୀୟ ଅଂଶ ଏବଂ ପଟାସିୟମ ପ୍ରଚୁର ପରିମାଣରେ ରହିଛି, ଯାହା ଶୁଷ୍କ ତ୍ୱଚା ପାଇଁ ଉପଯୋଗୀ । ତ୍ୱଚାରେ ଦେଖାଯାଉଥିବା କୁଞ୍ଚ ବା ରିଙ୍କଲର କ୍ଷେତ୍ରରେ କଦଳୀ ଅତ୍ୟନ୍ତ ଉପଯୋଗୀ । ଏକ ପରିଷ୍କାର ପାତ୍ରରେ କିଛି ପାଚିଲା କଦଳୀ ଖଣ୍ଡ ନେଇ ସେଥିରେ କିଛି ଗୋଲାପ ଜଳ ଏବଂ କଞ୍ଚା କ୍ଷୀର ମିଶାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ । ସେହି ପେଷ୍ଟକୁ ମୁହଁ, ବେକ ବେକ ପଛରେ ଲଗାଇ ୧୫ରୁ ୨୦ ମିନିଟ ଝାଡ଼ି ଦିଅନ୍ତୁ । ନଖ ଉଷୁମ ପାଣିରେ ମୁହଁ ଧୋଇ ଦିଅନ୍ତୁ । ସପ୍ତାହକୁ ଏହି ମିଶ୍ରଣ ଦୁଇଥର ପ୍ରୟୋଗ କରନ୍ତୁ । ଏହା ଫଳରେ ଆପଣଙ୍କ ତ୍ୱଚା ନରମ ହେବ । ବିଶେଷ କରି ଶୁଷ୍କ ତ୍ୱଚା ନିମନ୍ତେ ଏହି ପେଷ୍ଟ ଅତ୍ୟନ୍ତ ଉପଯୋଗୀ ହେବ ।



# ଫିଟ୍‌ନେସ୍ ମୂଳମନ୍ତ୍ର ୱାକ୍

ବିଶେଷଜ୍ଞ ଜୋନେଥନ ମୀୟର୍ସ ଦ୍ୱାରା କରାଯାଇଥିବା ଏକ ଗବେଷଣା ଅନୁସାରେ ଯଦି ଆପଣ ପାଦରେ ଚାଲୁଥାନ୍ତି ତେବେ ନା କେବଳ ଉଚ୍ଚ ରକ୍ତଚାପ, ମଧୁମେହ, ଧୂମ୍ରପାନ , ମୋଟାପା ଓ ହୃଦୟ ରୋଗକୁ ରକ୍ଷା ପାଇଥାନ୍ତି ତା ନୁହେଁ ଏହାଦ୍ୱାରା ନିଜ ବୟସ ମଧ ବୃଦ୍ଧି କରିଥାନ୍ତି । ଏହି ଅଧ୍ୟୟନ ୬ବର୍ଷ ରୁ ୫୯ ବର୍ଷ



ବୟସ ବିଶିଷ୍ଟ ପ୍ରାୟ ୬୦୦୦ପୁରୁଷଙ୍କ ଉପରେ କରାଯାଇଥିଲା ଏବଂ ଦେଖାଯାଇଥିଲା ଯେ ଯେଉଁ ବ୍ୟକ୍ତି ଅଧିକ ଚାଲିଥାନ୍ତି ସେମାନେ ଶାରିରୀକ ରୂପରେ ଫିଟ୍ ରହିଥାନ୍ତି ଏବଂ କମ୍ ରୋଗର ଶୀକାର ହୋଇଥାନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।


# ନିଷ୍କଳଙ୍କ ରାଜନୀତି...

ଅନେକ ବର୍ଷ ଧରି ଏକ ରୋଚକ ବିତର୍କର ବିଷୟବସ୍ତୁ ହୋଇ ଆସିଛି ରାଜନୀତିର ଅପରାଧିକରଣ। ଅନେକ ରଚନା ରଚିତ ହୋଇଛି ଏଇ ପ୍ରସଙ୍ଗରେ। ସାମ୍ପ୍ରତିକ ସମୟରେ ଧନ ବଳ, ବାହୁ ବଳ ଓ ଜନ ବଳ ନଥିଲେ ଜଣେ ରାଜନୀତି ମଇଦାନକୁ ଓହ୍ଲାଇବ ନାହିଁ- ଏମିତି ଏକ ଧାରଣାଟିଏ ସୃଷ୍ଟି ହୋଇଛି ଦେଶର ସିଂହଭାଗ ଜନତାଙ୍କ ମନରେ। ତେଣୁ ନ୍ୟାୟାଳୟମାନେ ଯେ ଏହାକୁ ଦୂର କରିବାକୁ ତତ୍ପରତା ପ୍ରକାଶ କରିବା ଉଚିତ, ଏଥିରେ କ୍ୱଚିତ୍ କେହି ଦ୍ୱିମତ ହେବେ। ଏକ ଉଲ୍ଲେଖନୀୟ ଆଦେଶ ପ୍ରଦାନ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ସୁପ୍ରିମକୋର୍ଟ କହିଛନ୍ତି ଯେ ଉଚ୍ଚ ନ୍ୟାୟାଳୟଙ୍କ ବିନାନୁମୋଦନରେ ରାଜନେତା (ପୂର୍ବତନ ଓ ବର୍ତ୍ତମାନର ସାଂସଦ ଓ ବିଧାୟକ)ଙ୍କ ବିରୋଧରେ ବିଚାରଧୀନ ଫୌଜଦାରୀ ମାମଲାଗୁଡ଼ିକ ପ୍ରତ୍ୟାହାର କରାଯାଇପାରିବ ନାହିଁ। ଭାରତୀୟ ରାଜନୀତିର ଦିନକୁ ଦିନ ବଢ଼ି ଚାଲିଥିବା ଅପରାଧିକରଣ ଦେଶ ପାଇଁ ଏକ ବିପଦ ଭାବରେ ଉଭା ହେଉଥିଲେ ସୁଦ୍ଧା ଏହାକୁ ବିପଦ ଭାବରେ ଗ୍ରହଣ କରିବାକୁ ରାଜନୀତିକ ଦଳମାନଙ୍କର କୁଣ୍ଠାଭାବ ପ୍ରକାଶ; ଏଭଳି ମାମଲାଗୁଡ଼ିକ ରଫାଦଫା କରିବା ନିମନ୍ତେ ରାଜନୀତିକ କ୍ଷମତାର ବ୍ୟବହାର କରିବା ଏବଂ ମାମଲାଗୁଡ଼ିକର ଫସଲା କରାଯିବା କ୍ଷେତ୍ରରେ ଅଧିକ ବିଳମ୍ବ କରାଯିବା- ଯାହା କେବଳ ନ୍ୟାୟ ପାଇବାକୁ ଏକ ସୁଦୂର ପରାହତ ସ୍ୱପ୍ନରେ ପରିଣତ କରିନଥାଏ, ବରଂ ହାସଲ କରିବାକୁ ଅସମ୍ଭବରେ ପରିଣତ କରି ଦେଇଥାଏ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁର ସମାଧାନ କରିବାକୁ ପ୍ରଧାନ ବିଚାରପତି ଏନ୍‌ଭି ରମନାଙ୍କ ନେତୃତ୍ୱାଧୀନ ତିନିଜଣିଆ ଖଣ୍ଡପୀଠ ଅନେକଗୁଡ଼ିଏ ସ୍ପଷ୍ଟ ନିର୍ଦ୍ଦେଶାବଳୀ ପ୍ରଦାନ କରିଛନ୍ତି। କୋର୍ଟ ଆହୁରି ମଧ୍ୟ କହିଛନ୍ତି ଯେ ସାଂସଦ ଓ ବିଧାୟକଙ୍କ ବିରୋଧରେ ମାମଲା ଶୁଣାଣି କରୁଥିବା ସ୍ୱତନ୍ତ୍ର ଅଦାଲତର ବିଚାରପତିଙ୍କୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବଦଳି କରାଯାଇପାରିବ ନାହିଁ, କାରଣ କୌଣସି ବିଚାରପତି ଯେତେବେଳେ ରାଜନୀତିକ ହସ୍ତକ୍ଷେପ ପ୍ରତି ଅନୁକୂଳ ମନୋଭାବ ପ୍ରଦର୍ଶନ କରି ନଥାନ୍ତି, ସେତେବେଳେ କ୍ଷମତା ପ୍ରୟୋଗ କରି ତାଙ୍କର ବଦଳି କରାଯାଉଥିବା କୋର୍ଟ ଅନୁଭବ କରିଛନ୍ତି। କେବଳ ଏତିକି ନୁହେଁ, କୋର୍ଟ ମଧ୍ୟ କେନ୍ଦ୍ରୀୟ ତଦନ୍ତ (ସିବିଆଇ) ଯେଉଁ ନିର୍ବାଚିତ ପ୍ରତିନିଧିମାନଙ୍କ ବିରୋଧରେ ତଦନ୍ତ କରୁଛି, ସେସବୁ ମାମଲାଗୁଡ଼ିକର ସାମ୍ପ୍ରତିକ ସ୍ଥିତି ସମ୍ପର୍କିତ ରିପୋର୍ଟ କୋର୍ଟରେ ଦାଖଲ କରିବାରେ ବିଫଳ ହୋଇଥିବାରୁ ଏହାକୁ ତାଗିଦ୍ କରିବା ସହିତ ତାହା କରିବା ନିମନ୍ତେ 'ଶେଷ ସୁଯୋଗ' ପ୍ରଦାନ କରିଛନ୍ତି। ଏବଂ ଏଭଳି ମାମଲାଗୁଡ଼ିକର ନିରୀକ୍ଷଣ କରିବା ସହିତ ଅଭିଯୋଗ ଫର୍ଦ୍ଦ ଦାଖଲ ହେବାର ଏକ ବର୍ଷ ମଧ୍ୟରେ ତ୍ୱରିତ୍ ଗତିରେ ମାମଲାର ଫଇସଲାକୁ ସୁନିଶ୍ଚିତ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଖଣ୍ଡପୀଠ ଗଠନ କରିବା ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସୁପ୍ରିମକୋର୍ଟରେ ୨୦୨୦ରେ ଦାଖଲ କରାଯାଇଥିବା ଏକ ତଥ୍ୟ ଅନୁସାରେ ବର୍ତ୍ତମାନ ସମୟର ୨୨ଟି ରାଜ୍ୟର ୨,୫୫୬ ବିଧାୟକ ଏବଂ ସାଂସଦଙ୍କ ବିରୋଧରେ ବିଭିନ୍ନ କୋର୍ଟରେ ଅପରାଧିକ ମାମଲାମାନ ରହିଛି। ଏହି ସଂଖ୍ୟା ସହିତ ଯଦି ପୂର୍ବତନ ବିଧାୟକ ଏବଂ ସାଂସଦମାନଙ୍କ ବିରୋଧରେ ଥିବା ଅପରାଧିକ ମାମଲାଗୁଡ଼ିକର ସଂଖ୍ୟା ମିଶାଇ ଦିଆଯାଏ, ତା'ହେଲେ ତାହା ୪,୪୪୨ ହେବ। ଏଥିରୁ ସହଜରେ ଅନୁମେୟ, ଭାରତୀୟ ରାଜନୀତି କେତେ ନିଷ୍କଳଙ୍କ। ଭାରତରେ ରାଜନୀତି ଏବଂ ଆଇନ ଭିତରେ ରହିଥିବା ସମ୍ପର୍କ ଅତି ଜଟିଳ। ପୋଥିଗତ ବିଦ୍ୟା ଅନୁସାରେ ଭାରତୀୟ ଆଇନ କୁହେ ଯେ ଜଣେ ଯେତେ ବଡ଼ ଧନୀ ବା କ୍ଷମତାଶାଳୀ ହେଉ ନା କାହିଁକି, ଆଇନ ଆଖିରେ କେବେହେଲେ ଧୂଳି ଦେଇ ଖସିଯାଇପାରିବ ନାହିଁ।

# ଗାନ୍ଧିଙ୍କର ଶେଷ ଆଜ୍ଞା ପତ୍ର



ସୁରେନ୍ଦ୍ରନାଥ ଦାଶ
ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,
ମୋ:୯୪୩୭୨୩୫୩୮୬



ଜୀବନର ଶେଷ କିଛି ଦିନ ଗାନ୍ଧି ବେଶ୍ ଆଶା ବାଦୀ ହୋଇ ପଡିଥିଲେ । ବିଭାଜନ ଓ ପରବର୍ତ୍ତି ସାଂପ୍ରଦାୟିକ ହିଂସା କାଣ୍ଡରେ ସେ ଘୋର ମନସ୍ତାପରେ ଥିଲେ । ତାଙ୍କ ନିଜ ଭାଷାରେ, "ମୁଁ ଅନ୍ଧାର ଭିତରେ ଘୂରି ବୁଲୁଛି । ବାଟ ପାଉନାହିଁ । ମୁଁ ଭାବୁଛି ମୋର ସମସ୍ତ କାମ ବିଫଳ ହୋଇଗଲା । ଇଶ୍ୱର ମୋତେ ପରିତ୍ୟାଗ କରିଛନ୍ତି'' ।

ସାଂପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା ପାଇଁ କଲିକତା ଓ ନୂଆ ଖାଲିରେ ସଫଳତା ପାଇଲା ପରେ ସେ ଦିଲ୍ଲୀରେ ପହିଲେ । ଦିଲ୍ଲୀରେ ସାଂପ୍ରଦାୟିକ ସଦ୍ଭାବ ପାଇଁ ସେ ଜାନୁୟାରୀ ୧୨ ତାରିଖ ଦିନ ଅନଶନ ଆରମ୍ଭ କଲେ ଓ ଏହା ଦ୍ୱାରା ଦିଲ୍ଲୀରେ ସଂପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠିତ ହେଲା । ତାଙ୍କର ଉପଦେଶ ଅନୁଯାୟୀ ଭାରତ ସରକାର ପାକିସ୍ଥାନକୁ ଦେୟଥିବା ୫୫ କୋଟି ଟଙ୍କା ଫେରାଇ ଦେଲେ ଓ ପାକିସ୍ଥାନ ସରକାର ମଧ୍ୟ ସେଠାକାର ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଲେ । ଏପରିକି ପଳେଇ ଆସିଥିବା ହିନ୍ଦୁ ମାନଙ୍କୁ ଫେରି ଯିବା ପାଇଁ ଆହ୍ୱାନ ମଧ୍ୟ ଦେଲେ । ଏହି ଘଟଣା ପରେ ଗାନ୍ଧିଜୀ ଭାରତର ଭବିଷ୍ୟତକୁ ନେଇ ବେଶ ଆଶା ବାଦୀ ହୋଇ ଉଠିଲେ ଓ ନିଜେ ୧୨୫ ବର୍ଷ ବିବେ ବୋଲି ଆଶା ପ୍ରକାଶ କଲେ ।

ସେ ଅନୁଭବ କଲେ କଂଗ୍ରେସ ଦଳ ଖାଲି ଶାସନ କଲେ ଯଥେଷ୍ଟ ହେବନାହିଁ । ଭାରତର ଦୁଃଖ, ଦାରିଦ୍ର୍ୟ ଓ କୁସଂସ୍କାରକୁ ଦୂର କରିବା ପାଇଁ ଏକ ଦ୍ୱିତୀୟ ଜନ ଆନ୍ଦୋଳନ ଦରକାର । ଏହି ସମୟରେ ତାଙ୍କର ପୁରାତନ କର୍ମି ମାନେ, କଂଗ୍ରେସ ନେତା ମାନେ କ୍ଷମତାକୁ ଯାଉ ଯାଉ କିପରି ଦୁର୍ନୀତିରେ ବୁଡି ଗଲେଣି ତାହା ତାଙ୍କୁ ସୁଚାଇ ଦେଲେ । ଏପରିକି ସେମାନେ ନ୍ୟାୟାଳୟ ଉପରେ ମଧ୍ୟ ହସ୍ତକ୍ଷେପ କରୁଛନ୍ତି । ଅନେକ ଲୋକ ମତ ଦେଲେଣି, "ଇଂରେଜ ସରକାର ବେଶ ଭଲ ଥିଲା।"

ଜାନୁୟାରୀ ୨୭/୧୯୪୮ ଦିନ ଗାନ୍ଧିଜୀ ଆଗକୁ ହେବାକୁ ଥିବା କଂଗ୍ରେସ ଜାତୀୟ ଅଧିବେଶନରେ ଏକ ପ୍ରସ୍ତାବ ଦେବା ପାଇଁ ଚିଠାଟିଏ ପ୍ରସ୍ତୁତ କଲେ । ଜାହାର ନାମ ରଖିଲେ ମୋର ଶେଷ ନିର୍ଦ୍ଦେଶ ନାମା । କଂଗ୍ରେସ ଅଧିବେଶନ ଆଉ ଅଳ୍ପ ଦିନ ଥିଲା। ଗାନ୍ଧି ଅଳ୍ପ ଦିନ ହେଲା ଅନଶନରୁ ଉଠିଥାଆନ୍ତି । ଦେହ ଦୁର୍ବଳ ଥାଏ । ତଥାପି ସେ ତାଙ୍କର ସହକର୍ମୀ ପ୍ୟାରିଲାଲ ସହିତ ଦସ୍ତାବେଜ୍ ତିଆରରେ ରାତି ଦିନ ଲାଗି ପଡିଲେ ।

ସେ ୧୯୨୦ ମସିହାକୁ ମନେ ପକାଇଲେ । ନିଜ ହାତରେ ସେ କଂଗ୍ରେସ ସମ୍ବିଧାନ ତିଆରି କରିଥିଲେ । ଗାଁ ଠାରୁ ଜିଲ୍ଲା , ପ୍ରଦେଶ ଓ ଜାତୀୟସ୍ତର ପାଇଁ ତ୍ରିସ୍ତରୀୟ କାର୍ଯ୍ୟକର୍ତ୍ତା ନିଯୁକ୍ତି ଦେଇଥିଲେ । ଦଳ ପାଇଁ ଗଣତାନ୍ତ୍ରୀକ ନିର୍ବାଚନ କରିବାକୁ ନିର୍ଦ୍ଦେଶ ଥିଲା । ଜାତୀୟ ସ୍ତରରେ ଏକ ଜାତୀୟ କାର୍ଯ୍ୟକାରିଣୀ ପରିଷଦ ସମସ୍ତ ନିଷ୍ପତି ନେବାର କ୍ଷମତା ପ୍ରାପ୍ତ ଥିଲା । ନିଜ ହାତରେ ସେ କଂଗ୍ରେସ ଦଳ ପାଇଁ ଅନେକ ଆନ୍ଦୋଳନର ବିଶଦ ଯୋଜନା ତିଆରି କରିଥିଲେ । ଶେଷରେ ସ୍ୱାଧିନତା ଆସିଲା । ତାଙ୍କ ମତରେ ସ୍ୱାଧିନତା ଆସିଲା ପରେ କଂଗ୍ରେସ ଦଳର କାମ ସରିଗଲା । ତେଣୁ ସେ ପ୍ରସ୍ତାବ ଦେଲେ କଂଗ୍ରେସ ଦଳକୁ ଭାଙ୍ଗି ଦିଆଯାଉ । ଯେଉଁ ମାନେ କ୍ଷମତା ଛାଡି ପାରିବେନି, ସେମାନେ ତାଙ୍କର ଅନ୍ୟଦଳ ଗଠନ କରନ୍ତୁ ଓ ଦେଶ ଶାସନ କରନ୍ତୁ । ଯେଉଁ କର୍ମି ମାନେ କ୍ଷମତା ଚାହାଁନ୍ତି ନାହିଁ ସେମାନେ ଅନ୍ୟ ଏକ ସେବା ଦଳ ଗଠନ କରନ୍ତୁ । ପ୍ରତି ଗାଁ ଓ ସହରରେ ଏହାର ଶାଖା ରହୁ । ଯେଉଁ ମାନେ ଗ୍ରାମରେ ରହିବେ ସେମାନେ ଗାଁ ଲୋକଙ୍କ ସହିତ ହିଁ ସବୁଦିନେ ରହିବେ । ତାଙ୍କ ପାଇଁ ହାନି ଲାଭ ବୁଝିବେ । ସେମାନଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ବିଷୟରେ ସଚେତନ କରିବେ । ନିର୍ବାଚନ ବେଳେ ସମସ୍ତେ ଯେଭଳି ଭୋଟ ଦେବେ ତାର ବ୍ୟବସ୍ଥା କରିବେ । ଗାଁର କୃଷି ଓ କୁଟୀର ଶିଳ୍ପର ବିକାଶ କରାଇବେ । ଅସ୍ପର୍ଶ୍ୟତା ବିରୁଦ୍ଧରେ ଲଢିବେ ଓ ନାରୀ ଶିକ୍ଷା ଯୌତୁକ ପ୍ରଥା ବିରୋଧ ଭଳି ସାମାଜିକ ଚେତନାର ପ୍ରସାର କରିବେ । ଏହାର ନାମ ଦିଆଯିଉ -ଲୋକ ସେବା ସଂଘ ।

ଜୀବନର ଶେଷ କିଛି ଦିନ ଗାନ୍ଧି ବେଶ୍ ଆଶା ବାଦୀ ହୋଇ ପଡିଥିଲେ । ବିଭାଜନ ଓ ପରବର୍ତ୍ତି ସାଂପ୍ରଦାୟିକ ହିଂସା କାଣ୍ଡରେ ସେ ଘୋର ମନସ୍ତାପରେ ଥିଲେ । ତାଙ୍କ ନିଜ ଭାଷାରେ, "ମୁଁ ଅନ୍ଧାର ଭିତରେ ଘୂରି ବୁଲୁଛି । ବାଟ ପାଉ ନାହିଁ । ମୁଁ ଭାବୁଛି ମୋର ସମସ୍ତ କାମ ବିଫଳ ହୋଇଗଲା । ଇଶ୍ୱର ମୋତେ ପରିତ୍ୟାଗ କରିଛନ୍ତି'' । ସାଂପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା ପାଇଁ କଲିକତା ଓ ନୂଆ ଖାଲି ରେ ସ'ଳତା ପାଇଲା ପରେ ସେ ଦିଲ୍ଲୀରେ ପହିଲେ । ଦିଲ୍ଲୀ ରେ ସାଂପ୍ରଦାୟିକ ସଦ୍ଭାବ ପାଇଁ ସେ ଜାନୁୟାରୀ ୧୨ ତାରିଖ ଦିନ ଅନଶନ ଆରମ୍ଭ କଲେ ଓ ଏହା ଦ୍ୱାରା ଦିଲ୍ଲୀରେ ସଂପୂର୍ଣ୍ଣ ଶାନ୍ତି ପ୍ରତିଷ୍ଠିତ ହେଲା । ତାଙ୍କର ଉପଦେଶ ଅନୁଯାୟୀ ଭାରତ ସରକାର ପାକିସ୍ଥାନକୁ ଦେୟଥିବା ୫୫ କୋଟି ଟଙ୍କା ଫେରାଇ ଦେଲେ ଓ ପାକିସ୍ଥାନ ସରକାର ମଧ୍ୟ ସେଠାକାର ହିନ୍ଦୁ ମାନଙ୍କୁ ସୁରକ୍ଷା ଦେବାକୁ ଆଗେଇ ଆସିଲେ । ଏପରିକି ପଳେଇ ଆସିଥିବା ହିନ୍ଦୁ ମାନଙ୍କୁ ଫେରି ଯିବା ପାଇଁ ଆହ୍ୱାନ ମଧ୍ୟ ଦେଲେ ।

ତାଙ୍କ ମତରେ ସ୍ୱାଧିନତାଠାରୁ ଦେଶର ବିକାଶ ଆହୁରି କଷ୍ଟକର କାର୍ଯ୍ୟ । ଦେଶ ଯୁଗ ଯୁଗର ଜଡତାରେ ଶୋଇ ପଡିଛି । ରାଜନୈତିକ ସ୍ୱାଧିନତା ଏକ ପୋଥି ବାଇଗଣ ଭଳି, ତେଣୁ ତାକୁ ବାସ୍ତବ ମୁଖୀ କରିବା ପାଇଁ ଏକ ମହାନ ସଂଗ୍ରାମ ଲୋଡା ।

ଗାନ୍ଧି ଏହି ଦସ୍ତାବେଜକୁ ତାଙ୍କ ମୃତ୍ୟୁର ଶେଷ ଦିନର ଆଗ ଦିନ ୨୯ ଜାନୁୟାରୀ ୧୯୪୮ ସେକ୍ରେଟେରି ପ୍ୟାରିଲାଲକୁ ଦେଇଦେଲେ ଓ ପ୍ୟାରିଲାଲ କଂଗ୍ରେସ ସଂମ୍ପାଦକଙ୍କ ପାଖକୁ ତାହା ପଠାଇ ଦେଲେ । ତଳେ ତାଙ୍କର ଦସ୍ତଖତ ଏମ.କେ. ଜି. ରହିଥିଲା । ପର ଦିନ ସନ୍ଧ୍ୟାରେ ଗାନ୍ଧି ଆତତାୟୀ ଗୁଳିରେ ନିହତ ହେଲେ । ଗାନ୍ଧିଙ୍କ ସେହି ଦସ୍ତାବିଜ ଫେବୃୟାରୀ ୧୦ ହରିଜନ ପତ୍ରିକାରେ ପ୍ରକାଶ ପାଇଲା ।

କ୍ଷମତା ନିଶାରେ ବୁଡି ରହିଥିବା କଂଗ୍ରେସ ନେତା ମାନେ ଆଉ ଗାନ୍ଧିଙ୍କର ବୈରାଗ୍ୟ ବାଣୀ ଶୁଣିବା ଅବସ୍ଥାରେ ନଥିଲେ । କ୍ଷମତାର ଲାଳସା ତାଙ୍କୁ ସଂପୁର୍ଣ୍ଣ ଗ୍ରାସ କରିଥିଲା । ତଳ ସ୍ତରରେ ମଧ୍ୟ କଂଗ୍ରେସ ନେତା ମାନେ ଲୋକ ମାନଙ୍କ ଦ୍ୱାରା ଦେବତାଙ୍କ ଭଳି ପୂଜା ପାଉଥିଲେ ଓ କ୍ଷମତାରେ ରହି ଲୋକମାନଙ୍କୁ ଦୟା ବାଣ୍ଟୁ ଥିଲେ ।


ଗାନ୍ଧିଙ୍କ ଶେଷ ଇଚ୍ଛା କଂଗ୍ରେସର ସଂଗ୍ରହାଳୟରେ ପଡି ରହିଲା ।

୧୯୬୨ ମସିହାରେ ଚିନ୍ ଠାରୁ ଭାରତର ପରାଜୟ ପରେ ପ୍ରଧାନମନ୍ତ୍ରୀ ନେହେରୁଙ୍କର ଗାନ୍ଧିଙ୍କର ସେହି ବାଣୀ କଥା ମନେ ପଡିଲା । ତେଣୁ ସେ କାମରାଜ ଯୋଜନା ନାମରେ ଏକ ପ୍ରସ୍ତାବ କରି ଦଳର ପୁରୁଖା ନେତା ମାନଙ୍କୁ କ୍ଷମତା ଛାଡି ସଂଗଠନ କାମରେ ମନ ଦେବାକୁ ନିର୍ଦ୍ଦେଶ ଦେଲେ । ସେହି ଯୋଜନାରେ ଓଡ଼ିଶାର ତତ୍କାଳିନ ମୁଖ୍ୟମନ୍ତ୍ରୀ ପଦ ଛାଡିଲେ । ମାତ୍ର ନେହେରୁ ନିଜ ପଦକୁ ଛାଡିଲେ ନାହିଁ ଓ ସେ ଯୋଜନା ଫସର ଫାଟି ଗଲା ।

ଗାନ୍ଧିଙ୍କର ବାକ୍ୟକୁ ଅମାନ୍ୟ କରି କଂଗ୍ରେସ ଦଳ କ୍ଷମତା ଦୁର୍ନିତିରେ ବୁଡି ରହିଲା ଓ ଶେଷକୁ ଆଜି ସଂପୁର୍ଣ୍ଣ ବୁଡିଯିବା ଅବସ୍ଥାକୁ ଆସି ଗଲାଣି । ଗାନ୍ଧି ହିଁ ପ୍ରଥମେ କଂଗ୍ରେସ ମୁକ୍ତ ଭାରତର ସ୍ୱପ୍ନ ଦେଖିଥିଲେ।

# ବିଶିଷ୍ଟ ଲୋକଙ୍କ ମୃତ୍ୟୁପରେ

ସୁବ୍ରତ କର



ଏହି କିଛିଦିନ ଭିତରେ ବାଲେଶ୍ୱରର ବେଶ କିଛି ବିଶିଷ୍ଟ ଲୋକ ଆମ୍ଭମାନଙ୍କୁ ଛାଡ଼ି ଚାଲିଗଲେ। ଦୁଃଖତ ନିଶ୍ଚୟ ହେବ କାରଣ ମଣିଷର ମୃତ୍ୟୁ ହେଉଛି ଶେଷ କାର୍ଯ୍ୟକ୍ରମ। ଏହାପରେ ମରିଥିବା ଲୋକଙ୍କ ଆଉ କିଛି କାମ ନଥାଏ। ତାଙ୍କ ନାମରେ କିଏ ଭଲ କହିଲେ ବା ଖରାପ କହିଲେ କିଛି ଯାଏ ଆସେ ନାହିଁ। ତେବେ ହଁ, ତାଙ୍କ ବିଷୟରେ ଖବରକାଗଜରେ କଣ, କଣ ଖବର ବାହାରିଥାଏ ସେ ସବୁ ଅଧିକାଂଶ ଲୋକଙ୍କ ଦୃଷ୍ଟିଗୋଚର ହୋଇଥାଏ। ମୁଁ ଦେଖିଛି ସେହି ବିଶିଷ୍ଟ ଲୋକଟି ବଂଚିଥିଲେ ବେଳେ ସାଧାରଣ ଜନତା ତାଙ୍କ ବିଷୟରେ ଭଲ ମନ୍ଦ ଆଲୋଚନା କରି ଥାଆନ୍ତି। କିନ୍ତୁ ମରିଗଲା ପରେ ସେହି ଲୋକ ପାଲଟି ଖାଇ ଏମିତି ଟେକିକି ଲେଖନ୍ତି ଆପଣମାନେ ଆଶ୍ଚର୍ଯ୍ୟ ହୋଇଯିବେ। ଏଇଠି ମୋର କହିବା କଥା ଠିକ୍ ଅଛି କେହି ମରିଗଲା ପରେ ତାଙ୍କ ବିଷୟରେ ଖରାପ କିଛି ଆଲୋଚନା କରିବା ଉଚିତ୍ ନୁହେଁ ବଂ... ମୁହକୁ ବନ୍ଦ ରଖିବା ଉଚିତ୍ ଭଲ। ମୋର ଜାଣିବାରେ ଖୁବ କମ ଖବର କାଗଜର ସଂବାଦଦାତା ହଉ କିମ୍ବା ସମ୍ପାଦକ ହଅନ୍ତୁ ସେହି ବିଶିଷ୍ଟ ଲୋକଙ୍କ ବିଷୟରେ ଠିକ ଏକ୍ ସମ୍ବାଦ ପରିବେଷଣ କରିବାର ସତ୍‌ସାହସ ଦେଖାଇପାରନ୍ତି ନାହିଁ। ପୃଷ୍ଠା ଉପରେ ପୃଷ୍ଠା ଖବର ବାହାରିଥାଏ ବିଭିନ୍ନ ସଂଗଠନ ତରଫରୁ କିଛି କୌଣସି ଅନୁଷ୍ଠାନ। ସେ ଲୋକଙ୍କ ବିଷୟରେ କିଛି ଖରାପ ଲେଖିପାରନ୍ତି ନାହିଁ। ଏ ବି ହୋଇପାରେ ଅନେକ ସଂଗଠନ ବା ଅନୁଷ୍ଠାନ କର୍ମକର୍ତ୍ତାମାନେ ତାଙ୍କୁ ନୀରବ ପ୍ରାର୍ଥନା ବା ଅନୁଷ୍ଠାନର କର୍ମକର୍ତ୍ତାମାନେ ତାଙ୍କୁ ନିରବ ପ୍ରାର୍ଥନା ମାଧ୍ୟମରେ ଖବରକାଗଜରେ ଛାପି ବା ନ ଛାପି ସାଧାରଣ ଜନତାଙ୍କ ଦୃଷ୍ଟି ଆକୃଷ୍ଟ କରିବାରେ ଚେଷ୍ଟା କରିଥାଆନ୍ତି। ଖବରକାଗଜକୁ ସହଜ ଭାବରେ ବ୍ୟବହାର କରିଥାଆନ୍ତି। ଖବରକାଗଜକୁ ସହଜ ଭାବରେ ବ୍ୟବହାର କରିବାରର ଏହା ଏକ ଫଳପ୍ରଦ ଚେଷ୍ଟା। ଜଣେ ଜଣେ ସେହି ବିଶିଷ୍ଟ ଲୋକ ମରିଯାଇଥିବା ବିଶିଷ୍ଟ ଲୋକଙ୍କ ଶ୍ରଦ୍ଧାଂଜଳି ସଭାରେ ଉପସ୍ଥିତ ରହି ଏକା ସାଙ୍ଗରେ ଏକା ଦିନରେ ତିନି ଚାରୋଟି ଫଟୋ ବା ନାଁ ବାହାର କରିବାର ମଧ୍ୟ ଚେଷ୍ଟା କରିଥାଆନ୍ତି। ମନେ ହୁଏ ନାହିଁ ସେ ସେଭଳି ଦୁଃଖର ସହିତ ସଭାରେ ଉପସ୍ଥିତ ରହି ଶ୍ରଦ୍ଧାଂଜଳି ଭାଷଣ ଦେଇଥାଆନ୍ତି। ଏହା ହୁଏତ ଏକ ପ୍ରୟାସ ମାତ୍ର ନିଜର ଚାହିଦାକୁ ଜନସାଧାରଣଙ୍କ ପାଖରେ ଉପସ୍ଥାପିତ କରିବା ଏବଂ ଏହା ସହିତ ପ୍ରମାଣ ମଧ୍ୟ କରିହୁଏ ସାଙ୍ଗସାଥୀ ବା ଘର ଲୋକଙ୍କ ଆଗରେ ଯେ ତାଙ୍କର ଏବେକାର ସମାଜରେ ଚାହିଦା କେତେ।

ଏଇଠି ମୋର କହିବାର କଥା ମରିଯାଇଥିବା ସେହି ବିଶିଷ୍ଟ ଲୋକଟି କିନ୍ତୁ ଜାଣି ପାରିଲା ନାହିଁ କେଉଁମାନେ ତାଙ୍କ ବିଷୟରେ ଭଲ କହିଲେ ବା ଟେକାଟେକି କରି ନିଜର ମନ ନ ଚାଲିବା ସତ୍ତ୍ୱେ କାଗଜରେ ନିଜର ବକ୍ତବ୍ୟ ରଖିଲେ।

## କବିତା କୋଣାର୍କ



### ଝରଣାର ଲକ୍ଷ

**ରଶ୍ମି ସାମଲ**

ପ୍ରକୃତିର ସେହି ଅପରୂପ
ସୁନେଲି କିରଣ ନେଇ
ସରୁ ଝରଣାଟିଏ
ନୂଆ ଉନ୍ମାଦନାରେ
ପାହାଡ଼ି ଧାରରୁ ବାହାରି
ଲକ୍ଷ ତାର ମିଶିବ କିପରି ଯାଇ
ସେହି ସାଗର ବୁକୁରେ।

ମାନେ ନାହିଁ ସେତ ଦୁର୍ଗମ ପଥ
ବାଟେ ପଡୁ ଯେତେ ପଥର କଷ୍ଟ
ମାନେ ନାହିଁ କିଛି ବାଧା ବନ୍ଧନ
ମନକୁ କରି ସେ ପୁଲକିତ
ଚାଲିଥାଏ ଭେଟିବ କିପରି
ସେ ଶୁଭ ମୁହୂର୍ତ୍ତ।

ବନ ମଲ୍ଲି ହେନାର ମହମହ
ବାସକୁ ପଛରେ ପକାଇ ଆଗେଇ
ଚାଲିଥାଏ ଢେଉର ସେହି
ଟିକକ ଚୁମ୍ବନ ପାଇଁ।

ବନ ଜଙ୍ଗଲର କେତେ ପଶୁ
ପକ୍ଷୀ ଗଛ ଡାକେ ବସି
ତାକୁ ଦେଖନ୍ତି କଣେଇ କଣେଇ
କାହାରି ଶବ୍ଦକୁ ନ ଦେଇ ନଜର
ପଛକୁ ନ ଚାହିଁ ଆଗେଇ ଚାଲେ ସେ
ସାଗର କୂଳକୁ ଛୁଇଁବା ପାଇଁ।

ଆଉ ଦରଭଙ୍ଗା ପାହାଡର
ଅବଶିଷ୍ଟାଂଶ ବାଟ ଦେଇ
କେତେ ଯେ ମଶାଣୀର
ଜୁଇକୁ ଧୋଇ ବହି ଚାଲିଥାଏ
ଜନ୍ମ ଜନ୍ମ ପାଇଁ ସେହି
ସାଗରରେ ମିଶିବା ପାଇଁ।

ବିଶ୍ୱାସର ପୃଷ୍ଠା ସବୁକୁ
ଓଲଟେଇ ଟପିଯାଏ
ନିଜ ସୀମା ଯାଏ
ସବୁ ଭାବନାକୁ ଜୀବନ୍ତ
କରିବାର ଲକ୍ଷ ନେଇ।

ତୋଫା ତୋଫା ଜହ୍ନ ଆଲୁଅକୁ
ସାକ୍ଷୀ ରଖି ଆନନ୍ଦ ପ୍ରେମିକଟେ
ସାଜି ସବୁ କଷ୍ଟ ଜାତନାକୁ
ଭୁଲି ଛୁଇଁବାକୁ
ସେହି ସମୁଦ୍ରର ଢେଉକୁ
ସାଗରର ମହା ମିଳନ ପାଇଁ।

+ଭୁବନେଶ୍ୱର
୯୪୩୭୧୧୫୮୬୫

### ବାଘ ଛେଳି ଖେଳ

**ନିରଞ୍ଜନ ସାହୁ**



ଜନମ ମରଣ ଭିତରେ ଜୀବନ
ଆଜି ଅଛି କାଲି ନାହିଁ
କିଏ ସେ କହିବ ଭବିଷ୍ୟତ କଥା
ଏମିତିକା ଅଛି କାହିଁ ।

ସମୟ ହାତରେ କ୍ରୀଡ଼ନକ ସର୍ବେ
ସମୟ ନଚାଏ ଏଠି
କିଏ ସାଜିଥାଏ ବଡ଼ ଲୋକ ପୁଣି
କିଏ ଖଟୁଥାଏ ବେଠି
କିଏ ବଞ୍ଚିଥାଏ ଆଶା କରିକରି
ସୁଖ ଟିକେ ଚାହିଁଚାହିଁ ।

ଭାଗ୍ୟ ଖେଳୁଥାଏ ବାଘଛେଳି ଖେଳ
କେବେ ମାରେ କେବେ ମରେ
କିଏ ଭାସିଯାଏ ସମୟ ସୁଅରେ
କିଏ ଭଉଁରୀରୁ ତରେ
କିଏ ଚାହୁଁଥାଏ ଦୀର୍ଘାୟୁଷ ପୁଣି
ମରଣ ଲୋଡ଼ା କା' ପାଇଁ ।

+ନିହଲପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ- ୭୫୯୦୧୬
ମୋ :୯୯୩୮୭୪୧୫୮୩

### ଅଭିମାନୀ ମୌସୁମୀ

**ରୋହିତ ସେଠୀ**



ଧରଣୀ ରାଣୀର ଅଙ୍ଗକୁ ପରଶି
ଭିଜେଇବ ବୋଲି କହି
ସମୟ ସରିଲା କେଉଁଠି ରହିଲ
ଜମା ଦେଖାଦେଲ ନାହିଁ
କେମିତି ପାରୁଛ ରହି,
ଧରଣୀ ବକ୍ଷଟା ଫାଟି ପଡ଼ିଲାଣି
ତୁମ ବାଟ ଚାହିଁ ଚାହିଁ ।

ଚାଷୀଭାଇ ମୁଣ୍ଡେ ହାତରଖି ଭାଳେ
ଫସଲ ଯିବ ଉଜୁଡ଼ି
ତପନ ତାଣ୍ଡବେ ସୁନାର ଫସଲ
ଧିରେ ଧିରେ ଯାଏ ପୋଡ଼ି
ଶୁଖିଯାଏ ଓଦା ଭୂଇଁ,
ମଉସୁମୀ ତୁମେ ପୃଥିବୀ କୋଳକୁ
ଆସୁନ କାହିଁ ଓହ୍ଲାଇ... ?

ଅଭିମାନ କରି ଆକାଶ ଛାତିରେ
ଲୁଚିଛ କେବେଠୁ ଯାଇ
ମାଟି ମାଆର ଏ ଆକୁଳ କ୍ରନ୍ଦନ
ଶୁଣି ପାରୁଛ କି ନାଇଁ... ?

ବିଜୁଳୀକୁ ସାଥେ ନେଇ,
କଳା ବାଦଲର ପଟୁଆର ଧରି
ଯାଅ ଗୋ ବରଷି ଦେଇ ।

ଦୁତିମେଣ୍ଡୀ,ଖଜୁରୀପଡ଼ା,କନ୍ଧମାଳ
ମୋ: ୭୭୩୫୨୧୪୩୭୯

### ଉଜ୍ଜ୍ୱଳ ଛବି

**କୁନା ସେଠୀ**



ଦେଖ ବାଇମନ ମନେ ଦେଇ ଧ୍ୟାନ
ଦିଶୁଛି ଉଜ୍ଜ୍ୱଳ ଛବି
ଇତିହାସ ଜାର କରୁଛି ପ୍ରଚାର
ଲେଖୁଛନ୍ତି କେତେ କବି ।

ପରାଧୀନ କାଳ ବିଷମର ବେଳ
ଆଖିରୁ ଗଡୁଛି ଲୁହ
ଚାବୁକ ପ୍ରହାର ଲାଠିର ଆଘାତ
ବୁହାଏ ରକତ ସୁଅ ।

ଜମି ହରାଇଛି କୃଷକ ବାପୁଡ଼ା
ରାଜ୍ୟ ହରାଇଛି ରାଜା
ସେନା ହରାଇଛି ନିଜ ଅଧିକାର
ବାଜୁଛି ବିଦେଶୀ ବାଜା ।

ବିଦେଶୀ ଦରବ ମାଳ ମାଳ ହୁଏ
ଦେଶୀ ଥାଏ ଘରେ ପଡି
କଞ୍ଚାମାଲ ଯେତେ ଯାଉଛି ବିଦେଶ
ଏ ଦେଶର ଲକ୍ଷ୍ମୀ ଛାଡି ।

ପ୍ରତିବାଦ କରି ଭାରତ ପୁଅ ଯେ
ପାଇ ଅଛି ଜେଲ ଦଣ୍ଡ
ଫାଶୀର ଖୁଣ୍ଟରେ ଝୁଲିଅଛି କିଏ
ଗୁଳିରେ ଯାଇଛି ମୁଣ୍ଡ ।

ଜାଲିଓ୍ୱାନା ଭଳି କାଣ୍ଡ ଘଟାଇଛି
ନିଷ୍ଠୁର ବିଦେଶୀ ବଳ
ଶୋଷଣ କଷଣ ମାତ୍ରା ବଢ଼ିଅଛି
ଡାକ ଶୁଭେ ତ୍ରାହି ତ୍ରାହି
କ୍ରାନ୍ତି କାରୀଙ୍କ ରଣ ହୁଙ୍କାରରେ
ରାତି ଯାଇଅଛି ପାଇ ।

ମିଛ ମାମଲାରେ ବନ୍ଦୀ ହୋଇଅଛି
ସ୍ୱାଧୀନ ସଂଗ୍ରାମୀ ଗଣ
କର ଦେଇ ଦେଇ କାଙ୍ଗାଳ ହୋଇଛି
ହରାଇଛି କିଏ ପ୍ରାଣ ।

ଭାରତର ନେତା ଅହିଂସା ନୀତିରେ
କରୁଛି ସଂଗ୍ରାମ ବାଜି
ସେହି ବାଜି ପାଇଁ ଜେଲ ଯାଇଛି
ହୋଇନି ତା ପାଦେ ରାଜି ।

ଶୁଭୁଛି ଚିତ୍କାର ଚାରି ଦିଗୁ ଦେଖ
ସ୍ୱାଧିନତା ଦେବା ପାଇଁ
ସ୍ୱାଧୀନ ମଣିଷ ସ୍ୱାଧିନ ଦେଶରେ
ସ୍ୱାଧିନତା ମାଗେ ଯାଇ ।

ଲଢି ଲଢି ଗଲା ଅନେକ ଜୀବନ
ଧନ୍ୟ ହେଲା ସେଇ ପ୍ରାଣ
ଚିର ଦିନ ପାଇଁ ଅମର ହୋଇଲେ
ସଂଗ୍ରାମୀ ତ ସବୁ ଜାଣ ।

ଇତିହାସ ଧରି ବସିଲେ ଏକାଠି
ଦିଶଇ ଉଜ୍ଜ୍ୱଳ ଛବି
ସେହି ଛବି କହେ ଅତୀତର ଗାଥା
ଲେଖିଛନ୍ତି ତାହା କବି ।

+ଭୂତସରସିଙ୍ଗି,ଗଞ୍ଜାମ

### ଯୋଗୀ

**ଦେବାଶିଷ ମହାପାତ୍ର**



ସର୍ଜିପାରେ ସୃଷ୍ଟି ମୁଁହି
କାଳସର୍ପ ସମୟକୁ
ଆଭୂଷଣ କରି
ରଚିପାରେ ପ୍ରଳୟ ପୁଣି
ବିଶ୍ୱଶାନ୍ତି ମୂର୍ତ୍ତିମନ୍ତ
ବିଗ୍ରହଟେ ହୋଇ
ମୁଁ ଯୋଗୀ !
ଏ ତମାମ୍ ଜୀବନ ପାଇଁ ।
ସ୍ୱଇଚ୍ଛାରେ ଅକ୍ଳେଶରେ
ଆକଣ୍ଠ ପାନ କରିପାରେ
ସବୁତକ ବିଷ
ମୋର ଅନେକ ଦିନର ତୃଷ୍ଣାକୁ
ତୃପ୍ତି ଦେବା ପାଇଁ
ପୁଣି କେବେ ଅବିଳମ୍ବେ
ଉଚ୍ଚାରିପାରେ ମୃତ୍ୟୁ ସଞ୍ଜିବନୀ
ଜୀବନରେ ମୃତ୍ୟୁରସ
ଅସ୍ୱାଦି ନେବା ପାଇଁ
ମୁଁ ଯୋଗୀ !
ଏ ତମାମ୍ ଜୀବନ ପାଇଁ ।

+ଅତିଥି ଅଧ୍ୟାପକ, ଗଣିତ ବିଭାଗ
ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ,
ବଲାଙ୍ଗୀର
ମୋ - ୯୭୭୬୩୪୯୭୨୨

# କବିତାମାଳା

ଧ୍ୱନି ପ୍ରତିଧ୍ୱନି

♣ ବାଲେଶ୍ୱର ♣ ମଙ୍ଗଳବାର, ଅଗଷ୍ଟ ୧୭, ୨୦୨୧



## ଭାରତ ମାତା
### ହରିଶ୍ଚନ୍ଦ୍ର ବେହେରା



ସମସ୍ତେ ଶୋଇଯିବା ପରେ
କିଏ ଜଣେ ଗୁମୁରି ଗୁମୁରି କାନ୍ଦେ

ମାଓବାଦୀ ସନ୍ତ୍ରାସ ବାଦୀ ବିଛିନ୍ନତା ବାଦୀ
ଏମିତି କେତେ ବାଦୀଙ୍କ ଲେଲିହାନ ତାଣ୍ଡବରେ
ଆଦେଖା କ୍ଷତରୁ ଲହୁ ଝରେ

କୁରୁକ୍ଷେତ୍ରକୁ ଛୁଇଁ ବହୁଥିବା ସାତତାଳ ରକ୍ତନଦୀ
ଏବେ କେତେ ତାଳ ହେବନି କେଜାଣି !!

ବିଶ୍ୱ ମୈତ୍ରୀର ବାର୍ତ୍ତା ଉପରେ ଜମିଗଲାଣି
ବେଯାଏଁ ଧୂଳି
ଉଦାର ମାନବିକତା ଉପରେ
ମାଡ଼ିଗଲାଣି ପରସ୍ତେ ଶିଉଳି

କାଶ୍ମୀରରୁ କନ୍ୟାକୁମାରୀ
ସବୁଠି ଗୋଳାବାରୁଦର ଶବ୍ଦ
ଲୁଣ୍ଠନ ଧର୍ଷଣ ପୋଡ଼ାଜଳା

ପଚସ୍ତରୀ ବର୍ଷର ବୁଢ଼ୀଟି
ପିନ୍ଧିଥିବା ସାତସିଆଁ ଶାଢିରେ
ଖାଲି ରକ୍ତ ଛିଟା

କୁଆଡ଼େ ଗଲା ସେଇ ହାତୀକାନିଆ ବୁଢ଼ାର
ଅହିଂସା / ସାବରମତୀର ଶାନ୍ତି
ପବିତ୍ର ରାମଧୁନ
କିଏ ଜଣେ କହିଲା ଆମେ ତାକୁ
ପଥର କରିଦେଇଛେ
ବସେଇ ଦେଇଛେ ରାସ୍ତା ଚୌରଙ୍ଗୀରେ
ଟଙ୍ଗେଇ ଦେଇଛେ ଫୋଟୋଟିଏ କରି
କାଁଥ ବାଡ଼ରେ
ଶରଶଯ୍ୟାରେ ଶୁଆଇ ଦେଇଛୁ
ସତ୍ୟାଗ୍ରହକୁ
ନିଆଁରେ ପୋଡ଼ିଦେଇଛୁ
ଆମ ସହିଦ ମାନଙ୍କ ଫୋଟୋ

ଦେଶ ବୋଇଲେ
ଗୋଟେ ପଲସ୍ତରା ଖସା ଭଙ୍ଗା ଘରର
ଅଧାଚିରା ନକ୍ସା
ଦେଶ ବୋଇଲେ 'ସାରେ ଜାହାଁସେ ଆଛା.. ର
ଗାଇହେଉ ନଥିବା ଗୋଟେ ମୁଖୁଡ଼ା ।

+ କଲ୍ୟାଣ ନଗର, ଅଙ୍ଗାରଗଡିଆ,
ବାଲେଶ୍ୱର

## ମୋ ରାଇଜ କେଡ଼େ ସୁନ୍ଦର
### ଅମରନାଥ ବାରିକ୍



ଓଡିଶା ମାଟିରେ ଜନମ ମୋର
ମଧୁର କୋମଳ ମୋ ଭାଷା ସ୍ୱର ।
ମୁଁ ଓଡ଼ିଆ ମୋର ଭାଷା ବଢ଼ିଆ
ସୈନିକ ଆମର ଅଟେ ଲଢୁଆ ।

ଛଉ ଗୋଟିପୁଅ ଓଡ଼ିଶୀ ନୃତ୍ୟ
ଦେଶ ବିଦେଶରେ ହୁଏ ଚର୍ଚ୍ଚିତ ।
ପାହାଡ ଝରଣା କେଡ଼େ ସୁନ୍ଦର
କାରୁକାର୍ଯ୍ୟ ଭରା ଆମ ମନ୍ଦିର ।
ଯାଜପୁର ଜିଲ୍ଲା ବିରଜା କ୍ଷେତ୍ର
ଦେଖିଲେ ପବିତ୍ର ହୁଅଇ ନେତ୍ର ।

କାବ୍ୟ କବିତାର ସ୍ୱୀକୃତି ଗାର
ଦେଲେ ଅଭିମନ୍ୟୁ ସାମନ୍ତ ସିଂହାର ।
ବୈତରଣୀ ନଦୀ ଭଳି ଅନେକ
ବୋହି ଯାଇଅଛି ସ୍ରୋତରେ ବାଙ୍କ ।
ପାଲା ଘୋଡ଼ାନାଚ ଦାସକାଠିଆ
ଆମ ପରମ୍ପରା ଆଗରେ ଠିଆ ।
ଓଡ଼ିଆଙ୍କ ପ୍ରାଣ ପଖାଳ କଂସା
ହୋଇଥାଏ ଘରେ ଘରେ ପରସା ।

ବାର ମାସେ ତେର ପରବ ଯାତ
ଆରିଶା କାକରା ମଣ୍ଡା ଯାବତ ।
ଭିତର କନିକା କୁମ୍ଭୀର ଚାଷ
ଗହୀରମଥାରେ କଇଁଛ ବାସ ।
ନନ୍ଦନକାନନ ପ୍ରାଣୀ ପ୍ରାଚୁର୍ଯ୍ୟ
ଭାରତେ ଅନନ୍ୟ ରାଜ୍ୟ ଐଶ୍ୱର୍ଯ୍ୟ ।

ଖଣ୍ଡଗିରି ଲିଙ୍ଗରାଜ ଚିଲିକା
ବାଙ୍କୀ ଅଧୀଶ୍ୱରୀ ମାଆ ଚର୍ଚ୍ଚିକା ।
କେ ହୋଇବ ମୋର ରାଇଜ ସମ
କୋଣାର୍କର ଶିଳା ଶିଳ୍ପୀଙ୍କ ଦମ ।
ଚନ୍ଦକା ଅରଣ୍ୟ ଧଉଳି କୀର୍ତ୍ତି
ନୀଳାଚଳ ଧାମେ ଚତୁର୍ଦ୍ଧା ମୂର୍ତ୍ତି ।

ଯା' ଚରଣ ଧୁଏ ନୀଳ ସାଗର
ମହେନ୍ଦ୍ର ଗିରି ଯା ଉନ୍ନତ ଶିର ।
ଏହି ପୂଣ୍ୟ ତୀର୍ଥେ ଲଭିଲି ଜନ୍ମ
ଗର୍ବିତ ଓଡ଼ିଆ ମୋ ପୁଣ୍ୟ କର୍ମ ।

+ କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା - ୭୫୫୦୧୧
(ମୋ)୯୫୪୦୩୦୮୦୯୫ (ନୂଆଦିଲ୍ଲୀ)

## ଆତଙ୍କ
### ଡକ୍ଟର ଗୀତାଶ୍ରୀ ପ୍ରିୟମ୍ବଦା



ଅଜଣା ଆଶଙ୍କା
ଅନିଶ୍ଚିତ ସମ୍ଭାବନା
କମ୍ପିତ ମୋ
ଦେହର ଦେହାଳୀ
ପାର୍ଥିବତାର ପଥର ଫାଙ୍କରେ
ଲୁକ୍କାୟିତ
ଅକୁହା କୋହର ଉପନ୍ୟାସ ।
ଏଥର ତ ଫେରିଆସ
ଲୁଚକାଳି ଖେଳ
କଣ୍ଢେଇ ନୃତ୍ୟରେ
ଭିଜେଇ ଦିଅ
ତନୁ ତୁଠ
ହଜିଯାଉ ଶୂନ୍ୟତା
ଖେଳିଯାଉ
ସବୁଜ ପଣତର
ସାଲୀନତା ।
ହସି ଉଠୁ ଧରା ଲୋକ
ମମତାର ଶବ୍ଦ ବୁଣୁ
ଜୀବରୁ ଜୀବାସ୍ମ ।

+ ଖଡ଼ିଆଳ, ନୂଆପଡ଼ା

## ସନେଟ୍ : ଏ ଜୀବନେ
### ବୃନ୍ଦାବନ ଦାସ



କେତେ ବାଟ ଆସିଲିଣି, ଆଉ ଅଛି କେତେଦୂର ଚାଲିବାକୁ
ଜାଣିନି, ଏମିତି ଚାଲିଛି ବୋଝପରି ବହି ଏ ଜୀବନକୁ
କାହାପାଇଁ କହିଛିକି ପଦୁଟିଏ କଥା ହୃଦୟ ଭିତରୁ
ବଦଳି ଯାଇଛି ଭବିଷ୍ୟ ତା'ର, ଟିକକରେ ସେ ହାରୁହାରୁ !

ନିଜର ନିଜର କହି ଯା'ପାଇଁ ଭାବିଲି ଭାଳିଲି ଏତେ ତ'
ହେଲେ କି ନିଜର ! ସ୍ୱାର୍ଥସିଦ୍ଧି ପରେ ଦୁଃଖଦେଲେ ଅପ୍ରମିତ
ମିଛ ମାୟାରେ ବାଟହୁଡି ଦେଖିଲି କେତେ ସୁନେଲି ସପନ
ସପନ ପୂରେ କି ! ଭ୍ରମିତ ଦୌଡରେ ଖାଲି ଅଶେଷ କଷଣ ।

ପଛକୁ ଚାହିଁଲେ ଦିଶେ ଅତୀତର ସେଇ ଅଫେରା ସମୟ
ସ୍ମୃତିସିକ୍ତ କେତେବ୍ୟଥା କେତେକଥା ମନେ ଆଣେ ଦୁଃଖ ହାୟ !
ଏବେ ମନକୁ ବୁଝେଇ ନିଜସଂଗେ କଥାହେବା ସାର ସିନା
କି ଲାଭ ଝୁରି ଅତୀତ ମନତଳେ ଚାପି ଅସହ୍ୟ ବେଦନା ।

ଜାଣେନା ସରିବ ଅସରା ଏ ରାସ୍ତା କେବେ, ଦୂର ବହୁଦୂର
ତଥାପି ବିସର୍ଜି ଆୟୁ ବଢାଏ ମୁଁ ପାଦ ଭୁଲି ନିଜପର ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ,
ଡେରାବିଶ କଲେଜ, ଡେରାବିଶ
କେନ୍ଦ୍ରାପଡା-୭୫୪୨୮୯
ମୋ: ୯୭୭୭୮୪୩୦୩୧

## ଗୁଲଜାରଙ୍କ -ଦୁଇଟି ସ୍କେଚ୍
### ଅନୁସୃଜନ - ସୌମ୍ୟରଂଜନ ଭୂୟାଁ



( ପ୍ରଥମ )
ମୁଣ୍ଡ ଉପରେ ଚିତ୍କାର କରୁଥିବା ଖରାର
ଶୁନ୍ ଶାନ୍ ପ୍ରହରି
ଓ ନିଆଁର ଜିଭଥିବା ଅସୁର
ଚାଟି ଯାଉଛି ଆକାଶ
ଦୂରରେ, ଏକ ଥୁଣ୍ଟା ଗଛରେ ଚିଲର ଛାଇ
ଶୃଙ୍ଖଳା ଆଖିରେ ସତର୍କ ।
ସେ ଆକାଶ ମାପୁଛି
ନିଜ ସହ ମାପିଲା ପରେ
କିଛି ଭାବି ପୁଣି ମାପୁଛି
କେଉଁ ଦିଗରେ ?
କାହା ଲାଗି ?
କାହା ଲାଗି ? କାହାଲାଗି ?
ମୁଣ୍ଡ ଉପରେ ଚିତ୍କାର କରୁଥିବା ଖରାର ଶୁନ୍
ଶାନ୍ ପ୍ରହର।

( ଦ୍ୱିତୀୟ )
ସୂର୍ଯ୍ୟର ଗୋଲ ଫୁଲା ବେଲୁନ୍ ,
ଗୋଟିଏ ମୂନିଆ ପାହାଡ଼ ଉପରେ ଥକିଯାଇ
ଏମିତି ଭାବରେ ଲେଖିଛି ଯେ
ଯେମିତି ଆଙ୍ଗୁଠି ଆଗରେ
ଲୁହାର ପେଷ୍ଟୁ ଉଠେଇ ଧରିଛି ମାଟିଆ କେଳା ।

ଫୁଙ୍କିଦେଇ ଠେଲିଦେଲେ
ଖସିଯିବ ତଳେ, ଜଳ ରାଶିରେ ।
ସୂର୍ଯ୍ୟର ଫୁଲା ବେଲୁନ୍
'ଢୋ' କରି ଫାଟିଯିବ,
ଆଉ ଏକ ଜଳନ୍ତା ଦିନ
ଛନ୍ କରି ଲିଭିଜିବ ।

+ ପୂରଣ, ସାଲେପୁର, କଟକ

## ତୁମ ଚିଠି
### ସିଦ୍ଧେଶ୍ୱର ତ୍ରିପାଠୀ



ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ
ପ୍ରେମ ପତରରେ ତୁମ ସ୍ୱାକ୍ଷରରୁ
ପରିଚୟ ମୋର ଖୋଜେ ।

ଓଠ ଥରିଯାଏ ଆଖି ଭରିଯାଏ
ପାଏନି ଉତ୍ତର କିଛି
ସଂଜ୍ଞା ହୀନ ସେଇ ଗୋଟିଏ ଶ୍ୱଦ
ତୁମକୁ ଭଲ ପାଉଛି ।

ଅଛୁଆଁ ବେଳରେ ଅନେକ ଦୂରରେ
ଆପେ ଆପେ ଆଜି ଭିଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

କାଗଜ ଉପରେ ଯାହା ଲେଖିଥିଲ
ମନକୁ ହଜେଇ ଦେଇ
ଏଇ ଜୀବନକୁ ନିତି ଜାଳିବାକୁ
ରହିଛି ସେ ସ୍ମୃତି ହୋଇ ।

ସେ ସବୁ ଶବଦ ଆଖିରେ ପଡିଲେ
ମିଳନ ସଙ୍ଗୀତ ବାଜେ
ଆଜିବି ଆକାଶୁ ବରଷା ଝରିଲେ
ଲଫାପାରେ ମନ ହଜେ ।

+ କବିର ଘର
କୁଣ୍ଡିଲୋ କେରଙ୍ଗ ଖୋର୍ଦ୍ଧା
(ମୋ)୭୦୦୮୩୧୫୦୪୦

## ଏଇ ମୋର ନିବେଦନ
### ଶିବ ପ୍ରସାଦ ବାହିନୀପତି



ଗାନ୍ଧୀ ତୁମେ ଥିଲ ଜାତିର ଜନକ
କୋଟି ଜନ ହୃଦ ଜିତା
ଗାନ୍ଧୀ ତୁମେ ଥିଲ ଏ ଦେଶ ମହାତ୍ମା
ଓଡ଼ିଶା ଜନଙ୍କ ପିତା ।।

ଇଂରେଜ ଶାସନ ଦୁର୍ବଳ କରିଲ
ନତ କଲ ତାଙ୍କ ମଥା
ତୁମେ ଦେଖିଥିଲ ସ୍ୱାଧୀନତା ସ୍ୱପ୍ନ
ସହି ସସ୍ର ସସ୍ର ବ୍ୟଥା ।।

ଶିକ୍ଷା ଦେଉଥିଲ ସାଜିବାକୁ ଫୁଲ
ଧର୍ମ ଅନୁସରି ତ୍ୱଳ
ତୁମେ ନାଶିଥିଲ ଜାତିପ୍ରଥା ବାଲ୍ୟ
ବିବାହର ହଳାହଳ ।।

ଲୁଣ ପାଇଁ ରଣ କରିଲେ ଆପଣ
ଥରିଲେ ବ୍ରିଟିଶି ନେତା
ନିଶା ନିବାରଣ ଥିଲା ତୁମ ସ୍ୱପ୍ନ
ଭଣିଲେ ସରେନି ଗାଥା ।।

କଳା-ଗୋରା ଭେଦ କରି ଦୂରୀଭୂତ
ସମାନତା ପ୍ରଦାନିଲ
ଧନି ଦରିଦ୍ରର ପ୍ରଭେଦକୁ ଭାଙ୍ଗି
ଜନ ମନ କିଣି ନେଲ ।।

ତୁମ ଦିବ୍ୟ ବାଣୀ ଭୁଲି କେ' ପାରିନି
'କୁଟି ଖାଅ କାଟି ପିନ୍ଧ'

ସ୍ୱାଧୀନ ଭାରତ ଦେଖିବା ଆଗରୁ
ହୋଇଲ ଚିରନିଦ୍ରିତ ।।

ଆଲୋକ ହଟିଲା ଅନ୍ଧାର ଆସିଲା
ନାଥୁରାମ ଗୁଳିଚ୍ଚୋଟେ
ହେ ରାମ୍ ! ଉଚ୍ଚାରି ଧରଣୀ ଧରିଲ
ଜୀବ ଗଲା ଆନ ଘଟେ ।।

ଏବେ ବି ଝୁରୁଛି ପ୍ରତି ଅନ୍ତରାତ୍ମା
ଜାତିର ଜନକ ପାଇଁ
ହେ ମହାମାନବ କେଉଁ ଠାବେ ଅଛ
ମରତେ ଆସ ଓହ୍ଲାଇ ।।

ଦେଖ ତୁମ ସ୍ୱପ୍ନ ଏଯାଏଁ ଅପୂର୍ଣ୍ଣ
ଦେଶ ସାରା ଦଶାନନ
ସ୍ୱାଧୀନ କି ଆମେ ପରାଧୀନ ଦେଖ
ଏଇ ମୋର ନିବେଦନ ।।

+ ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର,
କଣାସ, ପୁରୀ
(ମୋ)୮୯୧୭୪୮୦୫୩୬

## ମନେଇ ମୌସୁମୀ
### ରାହାସ କୁମାର ବେହେରା



ଦୂରେ ଗୁମସୁମ ମନେଇ ମୌସୁମୀ
ଖେଳେ ଲୁଚକାଳି ନାଚି ତୁନିତୁନି
ପାହାଡ଼ ଉହାଡ଼େ ମେଘର ମହ୍ଲାର
ଶୁଭେ ନାହିଁ କର୍ଣ୍ଣେ ରିମଝିମ ସ୍ୱର
ଗିରିଷମେ ଜଳେ ଦେହ
କେମେତି ନିର୍ଦ୍ଦୟ ହେଲୁ ସୁନା ମୁହିଁ
ଭରିଲୁ ଛାତିରେ କୋହ ।

ନିଦାଘକର ଆହା ବରଷା କାଳେ
ଉତ୍ତାପେ ସାଧେ ଦାଉ ସଂସାରୀ ଭାଳେ
ଜଳକଷ୍ଟ ସବୁରି ହେଲାଣି କାଳ
ଶୁଭଇ ଚଷା ପୁଅ କ୍ରନ୍ଦନ ରୋଳ
ପାଷାଣୀ ହୃଦୟ ଧରି
ସୁନାନାକୀ ବାଳା ପରିହାସ ଚିତ୍ତେ
ହେଲୁକି' ସତେ ବଇରୀ ।

ହାହାକାରେ ଦୁର୍ବିଷହ ସୁନା କ୍ଷେତ
ଦହଗଞ୍ଜେ ସୃଷ୍ଟି ନୁହେଁ ସୁରକ୍ଷିତ
ଆଁ'କରି ମାଟି ଖୋଜେ ଆଜି ବାରି
ଗ୍ରାସଇ ମଡ଼କ ସୁଖ ଯାଏ ସରି
ଅଭିମାନୀ ଅପଘଞ୍ଚେ
ଚାତକ ପରାୟେ ଶୁଖିଯାଏ ତଣ୍ଟି
ତୋ'ବିନା କି ପ୍ରାଣ ବଞ୍ଚେ ।

ଘଡଘଡି ସହ ମିଛେଇ ବିଜୁଳି
ଝଲସି ପକାଏ ଲକ୍ଷେ ହୁଳହୁଳି
ଶ୍ରାବଣ ଆଖିରେ ଅନେକ ଯନ୍ତ୍ରଣା
ମିଳନ ପିଆସୀ ଯେଣୁ ବାଟବଣା
ଫେରିଆ ସରଗ ପରୀ
ତୋ ହସ ଫୁଆରେ ଭିଜିଲେ ଧରଣୀ
ସୌଭାଗ୍ୟ ଆସିବ ଫେରି ।

+ ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ: ୭୫୯୦୧୫
(ମୋ)୯୪୩୮୧୧୪୩୬୮

## ବିରହ
### ସସ୍ମିତା ମହାପାତ୍ର



ସେ ଦିନ ତମେ ଥିଲ
ମୁଁ ବି ଥିଲି
ଥିଲେ ଲାଜକୁଳି ସଂଜ ସକାଳ
ଉଧୁରତାର ମାଦକତାରେ
ନୀରବ ନଈକୂଳେ ଗଢ଼ିଥିଲେ
ସଂପର୍କର ତାଜମହଲ।
ଏବେ ଶୂନ୍ୟତା...
ଶୂନ୍ୟତା କେବଳ ଶୂନ୍ୟତା
ମୁଁ ଝୁରେ,
ଭଗ୍ନ ହୃଦୟରେ
ଅପାଶୋରା, ଅଧୁରା ସ୍ମୃତି ସବୁଧରି
ପ୍ରତି ମୁହୂର୍ତ୍ତ-ରାତ୍ର ଦିବସ
ତୁମ ରଙ୍ଗୀନ୍ ସ୍ୱପ୍ନିଳ ପରସ
ମୋ ଚତୁଃପାର୍ଶ୍ୱ-ଦଶଦିଗ।
ତୁମେ...
ତୁମେ ହିଁ ତୁମେ ଦିଶ
ଉଁ ହୋଇଥାଇପାରେ
ପ୍ରଶ୍ନବାଚି ତୁମ ରାସ୍ତାର
କଂଟକିତ, ପ୍ରତିବନ୍ଧକ, ପୂର୍ଣ୍ଣଛେଦ।
କେମିତି ଭୁଲିବି କୁହ !
ଜୀବନ ତମାମ କହୁଥିବି
ପାଇ ତୁମ ଆଶିଷର ଜ୍ୟୋତି
ଭୁଲିଥିଲି ଧୂସର ଅତୀତ।
ମୋ ଚାରିକଡେ କୋଳାହଳ
ଚୁପ୍‌ଚାପ ଆଖିର ଇନ୍ଦ୍ରଜାଲରେ
ଜୀବନ ଡାଏରୀର ପ୍ରତିଟି ପୃଷ୍ଠାରେ
ତାରାଙ୍କ ଗଳି, ନିଛାଟିଆ ଅନ୍ୟ ମନସ୍କତାରେ
ତୁମରି ସ୍ମୃତିରେ
ମୁଁ କୋଳି ମୋଭିତରେ
ହୁଏ କଳବଳ
ଖୋଜୁଛି
ଏକ ନୀରବ ଅଗଣାରେ
ତମ ବିଶ୍ୱାସର ଚଉରା ମୂଳେ
ନବବଧୂଟିଏ ହୋଇ
ଜଳିଯିବି ଦପ ଦପ
ମୁଁ ଦୀପଶିଖା, ଅଖଣ୍ଡପ୍ରଦୀପ
ଜନମ ଜନମ ତୁମ ପାଇଁ।

+ ପାରଳାଖେମୁଣ୍ଡି, ଗଜପତି, ଖଂଜାସାହି
(ମୋ) ୯୩୪୮୧୭୨୪୫୦

## ଅନୁରାଗ
### ସୁଦର୍ଶନ ମହାପାତ୍ର



ତୁମେ ନାହଁ ବୋଲି ଜଳେ ମୋ ଜୀବନ
ନାହିଁ ମନେ ଆବିଳତା
ଜଳି ପାରେ ଯିଏ ସେହି ଏକା ଜାଣେ
ଜ୍ୱଳନର ମାଦକତା ।।

ଆଶା ଦିଅ ଅବା ଅଶ୍ରୁ ଦିଅ ତୁମେ
ଏକା ପରି ଅନୁଭବ
ଜୀବନରେ ତେଣୁ ଥକି ପଡି ନାହିଁ
ଅଭାବକୁ କରି ଭାବ ।।

ତୃଷ୍ଣାରେ ଆତୁର ପ୍ରାଣ ଯେବେ ଖୋଜେ
ମେଘ ହୋଇ ହେଲେ ଆସ
ନ ବରଷି ପଛେ ଫେରିଯାଅ ତୁମେ
ମେଣ୍ଟିଯାଉ ମୋର ଶୋଷ ।।

ପ୍ରୀତି ଭୁଲିଲେ ବି ପ୍ରତିଟି ଶବ୍ଦରେ
ଖୋଜଇ ତୁମକୁ ପରା
ଅନୁରୋଧରେ ମୋ ଅନୁରାଧା ତୁମେ
ସଦା ଅନୁରାଗେ ଭରା ।।

ସତ କୁହ ଅବା ସାନ୍ତ୍ୱନା ଦିଅ
ଭଲ ଲାଗେ ତୁମ କଥା
ତୁମରି ହସର ବର୍ଷାରେ ଭିଜୁଛି
ଭୁଲିଯାଇ ସବୁ ବ୍ୟଥା ।।

ଗପ ହେଉ ଅବା ଗୋପନରେ ହେଉ
ତୁମେ ମୋ ଇସ୍ପାର ଛାଇ
ପ୍ରେମ ଦିଅ ଅବା ପ୍ରତାରଣା ଦିଅ
ସପନରେ ଯାଅ ଛୁଇଁ ।।

ପ୍ରେମ ପରା ଏକ ପୂଣ୍ୟ ହୃଦୟର
ପୂର୍ଣ୍ଣତାର ପରିତୋଷ
ପୁଲକିତ ପ୍ରାଣ ପବିତ୍ର ସଂପର୍କ
ଛନ୍ଦମୟ ଅନୁପ୍ରାସ ।।

+ କୁଞ୍ଜବିହାରୀ ଲେନ, କଟକ

## ତମେ ସହରୀ ହେଲା ପରେ...
### ଲକ୍ଷ୍ମୀପ୍ରିୟା ମାଇତି



ଭୋଦୁଅ ଅଶୀଣର
ଶିରି ଶିରି ଶୀତୁଆ ପବନରେ
ଭାସିଆସେ ଯେବେ ରୂପା ଜହ୍ନର
ମତୁଆଲି ଜ୍ୟୋସ୍ନା...
ମନେପଡେ ସେ କୁଆଁର ପୁନେଇଁ
ପୋଖରୀରେ କଇଁ ତୋଳୁ ତୋଳୁ
ନାକରେ ବାଜିଯାଏ ତମ
ଦେହର କ୍ଲାସିକ ପାଉଡର ଆଉ
ରଜନୀଗନ୍ଧା ଅତର ମଖାର
ସେ ମହ ମହ ବାସ୍ନା।

ତମେ କାଳେ ସହରରେ ଏବେ
ତୋଳୁଛ କୋଠା ପରେ କୋଠା
ଚଢୁଚ ଗାଡ଼ି ପରେ ଗାଡ଼ି
ରହିଛ ଅତ୍ୟାଧୁନିକ ସୁନ୍ଦରୀ ପ୍ରିୟତମାର
ବାହୁବନ୍ଧନରେ
ପାର୍ଟି, ପିକ୍ନିକ୍ ପୁଣି
ସୁନ୍ଦର ଚାକଚକ୍ୟ ଭିଡ଼ ଭିତରେ।

ବଦଳିଛି ତମ ଓଠର ଭାଷା...
ଆପଣ, ହେଲୋ- ହାୟ -ଓକେ-ଥ୍ୟାଙ୍କସ୍‌ରେ
ନାହିଁ ଟିକେ ବିଶ୍ରାମ ତମକୁ
ଦିନ ତମାମ ଲାପଟପ୍‌ରେ କଷୁଛ ଗଣିତ
କମ୍ପ୍ୟୁଟର ରେ ଟଙ୍କା ଖାଲି ଟଙ୍କାର ହିସାବ
ଯାହା କାଉ ଓ କୋଇଲି ଦେଉଥିଲେ ବାରତା
ବସି ଆମ ବାଡି ଗଛ
କୃଷ୍ଣଚୂଡ଼ା ଆଉ ରାଧାଚୂଡା ଡାଳରେ।

ମୁଁ କିନ୍ତୁ ଗାଆଁରେ
ମୋ ପାଞ୍ଚ ଆଙ୍ଗୁଠିରେ ଗଣେ
ଋତୁ ପରେ କୋଉ ଋତୁ ଆସେ
ପର୍ବ ପରେ କୋଉ ପର୍ବ
କେବେ ଖୁଦୁରୁକୁଣୀ... ଦୋଳଯାତ୍ରା କେବେ
କେବେ ପହିଲି ରଜ
କୋଉ ମାସ ଶେଷରେ
ତମେ ପୁଣି ଗାଁ କୁ ଆସ।

ତମ କଥା...
ଭାବେ ଯେତେବେଳେ ଏରୁଣ୍ଡି
ଉପରେ ଠିଆ ହୋଇ
ସେତେବେଳେ ଅବସର ଡାକବାଲା ଆସି
କହେ- 'ମାଆ ! ଯୁଗ ପରା ବଦଳି ଗଲାଣି
ଚିଠି ଆଉ ଆସିବାର ନାହିଁ
କି ତୋ ପାଖକୁ ସିଏ ଆଉ
କେବେ ଫେରିବାର ନାହିଁ।

+ ଏରସମା, ଜଗତସିଂହପୁର
(ମୋ) ୯୪୩୯୫୩୭୫୯୨

# ଡି.ଏ.ଭି କଳିଙ୍ଗ ନଗରଠାରେ ସ୍ୱାଧୀନତା ଦିବସ ପାଳନ



ଭୁବନେଶ୍ୱର ,୧୬/୮ (ନି.ପ୍ର): ଡି.ଏ.ଭି ପବ୍ଲିକ ସ୍କୁଲ କଳିଙ୍ଗ ନଗରଠାରେ ୭୫ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ବିପିନ୍ କୁମାର ସାହୁଙ୍କ ତତ୍ତ୍ୱାବଧାନେର କୋଭିଡ୍ ନିୟମ ପାଳନ ପୂର୍ବକ ଅାୟୋଜିତ ଏହି କାର୍ଯ୍ୟକ୍ରମେର ଅନୁଷ୍ଠାନର ପରିଚାଳନା ସମିତିର ଚେୟାରମ୍ୟାନ ଶ୍ରୀଯୁକ୍ତ ମଦନମୋହନ ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଶୋଷଣ ହିଁ ଆମ ପ୍ରଗତିର ଅନ୍ତରାୟ ଏଥି ନିମେନ୍ତ ନିଃସ୍ୱାର୍ଥପର ଦେଶେସବା ଓ ସାମୂହିକ ସହେଯାଗ ଏକାନ୍ତ କାମ୍ୟ ବୋଲି ମତବ୍ୟକ୍ତ କରିଥ୍ଲେ । ଏହି ଅବସରେର ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଗୋଷ୍ଠୀସଂଗୀତ ଓ ଅଭିଭାଷଣ ଏବଂ ଅନ୍‌ଲାଇନ୍ ମାଧମେର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଉତ୍ସବର ମାହାତ୍ମ୍ୟ ଉପେର ବକ୍ତବ୍ୟ ତଥା ଦେଶାତ୍ମବୋଧକ ଗୀତ, ଯୋଗ,ଏରୋବିକ୍ସ, କଳା ଓ ସଂଗୀତର ମିଳିତ ସମନ୍ୱୟେର ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ପରବେଷଣ କରାଯାଇଥିଲା । ସମସ୍ତ କାର୍ଯ୍ୟକ୍ରମଟିକୁ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କ ଗୋଚରାର୍ଥେ ୟୁଟ୍ୟୁବ୍ ମାଧମେର ସିଧାପ୍ରାସାରଣ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ମିଳିତ ଉଦ୍ୟମେର କାର୍ଯ୍ୟକ୍ରମଟି ସୂଚାରୁରୂପେ ସମ୍ପାଦିତ ହୋଇଥିଲା ।

# ମୋବାଇଲ୍ ଚୋରି କରିବା ପରେ ରାସ୍ତାରେ ବାର ଡ୍ୟାନ୍ସରଙ୍କ ଉନ୍ମତ୍ତକାଣ୍ଡ

ଭୁବନେଶ୍ୱର ,୧୬/୮ (ନି.ପ୍ର): ରାଜଧାନୀର ରାଜରାସ୍ତାରେ ଉନ୍ମତ୍ତକାଣ୍ଡ କରି ଗିରଫ ହୋଇଛନ୍ତି ଜଣେ ବାର୍ ଡ୍ୟାନ୍ସର । ଗତକାଲି ରାତିରେ ସହିଦ ନଗରର ରୂପାଲି ଛକରେ ଉନ୍ମତ୍ତକାଣ୍ଡ କରିଥିଲେ ଏହି ବାର୍ ଡ୍ୟାନ୍ସର । ସେ ନିଶାସକ୍ତ ଅବସ୍ଥାରେ ଥିଲେ ।

ସୂଚନା ଅନୁଯାୟୀ, ଗିରଫ ଯୁବତୀ ଜଣଙ୍କ ପଞ୍ଜାବର ଲୁଧିଆନାର ବାସିନ୍ଦା । ରାଜଧାନୀ ଭୁବନେଶ୍ୱରର କଳ୍ପନା ଛକ ନିକଟରେ ଥିବା ଏକ ବାରରେ ସେ ଡ୍ୟାନ୍ସର ଭାବେ କାର୍ଯ୍ୟ କରନ୍ତି । ସେ ହୋଟେଲ୍‌ରୁ ମୋବାଇଲ ଚୋରି କରି ଫେରାର ହେବା ପରେ ଲୋକଙ୍କ ହାତରେ ଧରା ପଡ଼ିଥିଲେ । ଏହା ପରେ ଦେଖିବାକୁ ମିଳିଥିଲା ତାଙ୍କର ଉନ୍ମତ୍ତକାଣ୍ଡ । ଅସଭ୍ୟ ଭାଷାରେ ଲୋକଙ୍କୁ ଗାଳି କରିଥିଲେ । ପୁଲିସ୍ ଓ ଡାକ୍ତରଙ୍କୁ ବି ଛାଡ଼ି ନଥିଲେ । ବୁଝାସୁଝା କରିବାକୁ ଆସିଥିବା ପୁଲିସ୍‌କୁ ସେ ମାରପିଟ୍ କରିବା ସହିତ ଧମକଚମକ ଦେଇଥିବା ଅଭିଯୋଗ ହୋଇଛି । ଅବସ୍ଥା ଅସମ୍ଭାଳ ହେବା ପରେ ପୁଲିସ୍ ତାଙ୍କୁ ଗିରଫ କରିଥିଲା ।



## ଆଗକୁ ୧୮ ବର୍ଷରୁ କମ୍ ବୟସ୍କ ଶିଶୁଙ୍କ ସଂକ୍ରମଣ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି: ଡିଏମଇଟି

ଭୁବନେଶ୍ୱର,୧୬/୮ (ନି.ପ୍ର): ଜୁଲାଇ ୨୧ ତାରିଖର ପିଆଇବି ବୁଲେଟିନ ଅନୁସାରେ ଦେଶର ୧୨ ପ୍ରତିଶତ ଶିଶୁ କରୋନା ସଂକ୍ରମିତ ହେଉଛନ୍ତି । ଶିଶୁଙ୍କ ସିଭିଅରିଟି କମ୍ ରହିଛି । ସଂକ୍ରମଣ ଉପରମୁଁହା ହେଲେ କୌଣସି ଲହର ଆସିଲା ବୋଲି ଜଣାପଡ଼ିବ । ଏବେ ସେମିତି ଅବସ୍ଥା ନାହିଁ ବୋଲି ଡିଏମଇଟି ଡାକ୍ତର ସିବିକେ ମହାନ୍ତି କହିଛନ୍ତି । ସେ କହିଛନ୍ତି,୧୮ ବର୍ଷରୁ ଅଧିକ ଲୋକ ପ୍ରାୟତଃ ସମସ୍ତେ ଟିକା ନେଇ ସାରିଲେଣି । ତେଣୁ ଏବେ ଶିଶୁଙ୍କୁ ସଂକ୍ରମଣ ହେବାର ଅଧିକ ସମ୍ଭାବନା ରହିଛି । ଏଥିଲାଗି ଶିଶୁଙ୍କୁ ସୁରକ୍ଷିତ ପରିସରରେ ରଖିବାକୁ ପଡ଼ିବ । ଅଭିଭାବକ ଓ ଶିକ୍ଷକ ଅଧିକ ସତର୍କ ରହିବା ସହ ସାନିଟାଇଜ ରହିବା ଆବଶ୍ୟକ । ଆଗକୁ ୧୮ ବର୍ଷରୁ କମ୍ ବର୍ଷ ବୟସର ଶିଶୁଙ୍କ ସଂକ୍ରମଣ ସଂଖ୍ୟା ବଢ଼ିବାର ସମ୍ଭାବନା ରହିଛି ।

# ଇପ୍‌ସିତ ପ୍ରତିହାରୀ ସୋସିଆଲ୍ ମିଡିଆ ଫାଉଣ୍ଡେସନର ରାଜ୍ୟ ସଭାପତି



ଭୁବନେଶ୍ୱର,୧୬/୮ (ନି.ପ୍ର): ସାମ୍ବାଦିକ ଇପ୍‌ସିତ ପ୍ରତିହାରୀଙ୍କୁ ସୋସିଆଲ୍ ମିଡିଆ ଫାଉଣ୍ଡେସନ ପକ୍ଷରୁ ଓଡ଼ିଶା ଶାଖା ସଭାପତି ଭାବେ ମନୋନୀତ କରାଯାଇଛି । ସୋସିଆଲ୍ ମିଡିଆ ଫାଉଣ୍ଡେସନର ସର୍ବଭାରତୀୟ ସଭାପତି କିଶୋର ଭାଇ ଭଣ୍ଡାରୀ ଓଡ଼ିଶା ଶାଖାର ସଭାପତି ନିମନ୍ତେ ଶ୍ରୀ ପ୍ରତିହାରୀଙ୍କ ନାମକୁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ଅନ୍ୟତମ ସଦସ୍ୟ ହେମନ୍ତ ଜୈନ ଓ ପ୍ରଦୀପ ଜୈନ ଏହାକୁ ସମ୍ମତି ପ୍ରଦାନ କରିଛନ୍ତି । ୧୪ ଅଗଷ୍ଟ ୨୦୨୧ରୁ ୩୧/୦୭/୨୦୨୩ ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱରେ ରହିବେ ।

ଓଡ଼ିଶାରେ ପ୍ରତ୍ୟେକ ଜିଲ୍ଲାସ୍ତରରେ ସୋସିଆଲ୍ ମିଡିଆ ଫାଉଣ୍ଡେସନର ଶାଖା ଖୋଲାଯିବ ବୋଲି ରାଜ୍ୟ ସଭାପତି ଭାବେ ମନୋନୀତ ହେବା ପରେ ଶ୍ରୀ ପ୍ରତିହାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ବରିଷ୍ଠ ସାମ୍ବାଦିକମାନଙ୍କୁ ଏଥିରେ ସାମିଲ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ଯେଉଁମାନେ ଏ ନିମନ୍ତେ ଆଗ୍ରହୀ ସେମାନେ ଯୋଗାଯୋଗ କରିବା ପାଇଁ ଅନୁରୋଧ କରିଛନ୍ତି । ଖୁବ୍‌ଶୀଘ୍ର ଏକ ରାଜ୍ୟସ୍ତରୀୟ କମିଟି ଗଠନ କରାଯାଇ ଜିଲ୍ଲାସ୍ତରର କାର୍ଯ୍ୟକ୍ରମ କରାଯିବ ଏବଂ ପ୍ରତ୍ୟେକ ଜିଲ୍ଲାର କର୍ମକର୍ତ୍ତା ମନୋନୀତ କରାଯିବ । ନିଯୁକ୍ତି ପରେ ଅନୁଷ୍ଠାନ ପକ୍ଷରୁ ଶ୍ରୀ ପ୍ରତିହାରୀଙ୍କୁ ଶୁଭେଚ୍ଛା ଜଣାଯାଇଛି ।

# ଖରସ୍ରୋତା ନଦୀ ବିବାଦ ମାମଲାରେ ପିସିସି ତଥ୍ୟ ଅନୁଧାନ କମିଟି ଗଠିତ

ଭୁବନେଶ୍ୱର,୧୬/୮ (ନି.ପ୍ର): ଖରସ୍ରୋତା ନଦୀ ଜଳ ପ୍ରଦାନକୁ ନେଇ ଉପୁଜିଥିବା ବିବାଦ ଓ ପ୍ରକଳ୍ପ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ହୋଇଥିବା ଜନଆକ୍ରୋସ ଓ ତଦ୍‌ଜନୀତ ଗଣ୍ଡଗୋଳ ଘଟଣାର ଅନୁଧାନ କରିବାପାଇଁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ରାଜ୍ୟ ସ୍ତରୀୟ ତଥ୍ୟ ଅନୁଧାନ କମିଟି ଗଠନ କରିଛନ୍ତି । ଏହି କମିଟିରେ ସର୍ବଶ୍ରୀ ପୂର୍ବତନ ଅର୍ଥମନ୍ତ୍ରୀ ପଂଚାନନ କାନୁନଗୋ ଅଧକ୍ଷ ରହିଥିବାବେଳେ, ଅଂଶୁମାନ ମହାନ୍ତି, ଗଣେଶ୍ୱର ବେହେରା, ଜ୍ଞାନଦେବ ବେଉରା ସଭ୍ୟ ରହିଛନ୍ତି ଏବଂ ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଆବାହକ ରହିଛନ୍ତି । ଏହି କମିଟି ତୁରନ୍ତ ଘଟଣାସ୍ଥଳ ଗସ୍ତକରି ସ୍ଥାନୀୟ ଅଂଚଳର ବିଭିନ୍ନ ବ୍ୟକ୍ତି, କର୍ତ୍ତୃପକ୍ଷ ଓ କୃଷକବର୍ଗଙ୍କ ସହିତ ଆଲୋଚନା କରି ତଥ୍ୟ ସଂଗ୍ରହ କରି ଏକ ସବିଶେଷ ରିପୋର୍ଟ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅତିଶୀଘ୍ର ଦାଖଲ କରିବାକୁ ଶ୍ରୀ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି ।

# ମହାପୁରୁଷ ଓ ଶହୀଦ୍‌ଙ୍କ ବଳିଦାନର ପଟ୍ଟାନ୍ତର ନାହିଁ



ଭୁବନେଶ୍ୱର,୧୬/୮ (ନି.ପ୍ର): ପବିତ୍ର ସ୍ୱାଧୀନତା ଦିବସର ୭୫ତମ ବର୍ଷ ପୂର୍ତି ଅବସରରେ ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ଶହୀଦ୍ ହୋଇଥିବା ଯୁବ ବିପ୍ଳବୀ ମା’ ମାଟି ମାତୃଭାଷା ପ୍ରାଣ ଶହୀଦ୍ ରଘୁ-ଦିବାକରଙ୍କର ୟୁନିଟ୍-୯ସ୍ଥିତ ପ୍ରତିମୂର୍ତିଠାରେ ପୁଷ୍ପମାଲ୍ୟ ଅର୍ପଣ ସହ ଜାତୀୟ ସଂଗୀତ ଗାନ କରାଯାଇଥିଲା । ସ୍ମୃତି ସଂସଦର ସାଧାରଣ ସଂପାଦକ ବ୍ରଜବନ୍ଧୁ ପରିଡ଼ା ସ୍ମୃତିଚାରଣ ପୂର୍ବକ ମତବ୍ୟକ୍ତ କରିଥିଲେ ଯେ, ମହାପୁରୁଷ ତଥା ଦେଶମାତୃକା ପାଇଁ ଯେଉଁମାନେ ଆତ୍ମବଳୀ ଦେଇଛନ୍ତି ସଦା ସେ ଆମର ଚିର ନମସ୍ୟ । ଆଜିର ଯୁବପୀଢ଼ୀ ଦେଶମାତୃକାର ସୁରକ୍ଷା, ପୂଜ୍ୟମାନଙ୍କୁ ଆଦର୍ଶରେ ଅନୁପ୍ରାଣିତ ହେବା, ଦେଶପ୍ରଗତିରେ ନିଜ ନିଜର ଯୋଗଦାନ ଦିଅନ୍ତୁ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖ୍ୟପାତ୍ର ଅରବିନ୍ଦ ତ୍ରିପାଠୀ, ବିଶିଷ୍ଟ ଭାଷାଯୋଦ୍ଧା ପୂଜ୍ୟପୂଜା ପ୍ରାଣ ନବକିଶୋର ପ୍ରଧାନ, ସମାଜସେବୀ ନାରାୟଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଏବେଠାରୁ ଶିଶୁଙ୍କୁ ସର୍ଭିଲାନ୍ସରେ ରଖିବା ସହ ଅଧିକ ସଂଖ୍ୟକ ଶିଶୁଙ୍କ ଟେଷ୍ଟିଂ ହେବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୧୬/୮ (ନି.ପ୍ର): ତୃତୀୟ ଲହର ପାଇଁ ଆନ୍ତର୍ଜାତୀୟ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ଆଜିଠାରୁ ଶିଶୁ ସଂକ୍ରମଣର ତଥ୍ୟ ଦିଆଯିବା ଆରମ୍ଭ ହୋଇଛି । ଲକ୍ଷଣ ଥିବା ଶିଶୁଙ୍କ ତୁରନ୍ତ ଟେଷ୍ଟ ପାଇଁ କିଛି ଦିନ ପୂର୍ବରୁ ସ୍ୱାସ୍ଥ୍ୟ ସଚିବ ନିର୍ଦ୍ଦେଶ ଦେଇଥିଲେ । ଗତ ୨୪ ଘଣ୍ଟା ରେ ୭୯ ହଜାର ଟେଷ୍ଟ ମଧ୍ୟରୁ୧୮ବର୍ଷରୁ କମ୍ ୧୩୮ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି, ପରିସଂଖ୍ୟାନ କହୁଛି ଟେଷ୍ଟିଂର ୧୫ ପ୍ରତିଶତ ଯାଏ ଶିଶୁ ସଂକ୍ରମିତ ହୋଇପାରିବେ । ଶିଶୁ ସଂକ୍ରମଣର ଟ୍ରେଣ୍ଡ ଜାଣିବା ପାଇଁ କିଛି ସମୟ ଆବଶ୍ୟକ । ଏବେଠାରୁ ଶିଶୁଙ୍କୁ ସର୍ଭିଲାନ୍ସରେ ରଖିବା ସହ ଅଧିକ ସଂଖ୍ୟକ ଶିଶୁଙ୍କ ଟେଷ୍ଟିଂ ହେବ । ଶିଶୁଙ୍କ ଚିକିତ୍ସା ପାଇଁ ଭାରତ ସରକାରଙ୍କ ଗାଇଡଲାଇନ ଅନୁସାରେ ନୂତନ ଟାସ୍କଫୋର୍ସର ତାଲିମ ଚାଲିଛି । ବର୍ତ୍ତମାନ ଭୟଭୀତ ହୁଅନ୍ତୁ ନାହିଁ, ସଠିକ ଟ୍ରେଣ୍ଡକୁ ଦେଖି ଉଚିତ ପଦକ୍ଷେପ ନିଆଯିବ ।



# ୧୯ରୁ ଦେଶବ୍ୟାପୀ ଜନ ଆଶୀର୍ବାଦ ଯାତ୍ରା

## ୩ ଦିନିଆ ଓଡିଶା ଗସ୍ତରେ ଆସିବେ ୨ କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୧୬/୮ (ନି.ପ୍ର): ମୋଦି ସରକାରରେ ନୂତନ ଭାବେ ଦାୟୀତ୍ୱ ଗ୍ରହଣ କରିଥିବା ସମସ୍ତ କେନ୍ଦ୍ରମନ୍ତ୍ରୀମାନେ ଆସନ୍ତା ୧୯ ତାରିଖରୁ ଦେଶର ପ୍ରାୟ ୨୧୨ଟି ସଂସଦୀୟ କ୍ଷେତ୍ରକୁ ଯାଇ ଜନ ଆଶୀର୍ବାଦ ଲୋଡିବେ । ଏହି ଜନ ଆଶୀର୍ବାଦ ଯାତ୍ରା ୧୪୨ ଦିନ ଯାଏଁ ଚାଲିବ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀମାନେ ଲୋକମାନଙ୍କ ସହ ସିଧାସଳଖ ଆଲୋଚନା କରି ବାସ୍ତବ ସ୍ଥିତି ଅନୁଧାନ କରିବା ସହ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସଂପର୍କରେ ସାଧାରଣ ଲୋକଙ୍କୁ ଅବଗତ ମଧ କରିବେ ବୋଲି ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି । ଜନ ଆଶୀର୍ବାଦ ଯାତ୍ରା ଅବସରରେ ଓଡିଶାକୁ ୨ ଜଣ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂଅଶ୍ୱିନୀ ବୈଷ୍ଣବ ଆସନ୍ତା ୧୯ ତାରିଖ ଦିନ ୩ ଦିନିଆ ଗସ୍ତରେ ଆସୁଛନ୍ତି । ୧୯ ତାରିଖ ସକାଳେ ଉଭୟ ମନ୍ତ୍ରୀ ଭୁବନେଶ୍ୱରଠାରେ ପହଂଚିବା ପରେ ସିଧାସଳଖ ପୁରୀ ଗସ୍ତ କରି ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବେ । ଏହା ପରେ ଭୁବନେଶ୍ୱରସ୍ଥିତ ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେବେ । କେନ୍ଦ୍ରମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ୧୯ ତାରିଖ ସଂଧାରେ ରେଳ ଯୋଗେ ରାୟଗଡା ଗସ୍ତ କରିବେ । ୨୦ ତାରିଖ ସକାଳୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ କୋରାପୁଟ ଗସ୍ତ କରି ରାତ୍ରଯାପନ କରିବେ । ୨୧ ତାରିଖରେ ଜୟପୁର, ନବରଙ୍ଗପୁର ଦେଇ ଗସ୍ତ କରି ଭବାନୀପାଟଣାରେ ରାତ୍ରଯାପନ କରିବେ । ୨୨ ତାରିଖ ଦିନ ଶ୍ରୀ ବୈଷ୍ଣବ କେସିଙ୍ଗା, ଟିଟିଲାଗଡ, କଂଟାବାଜୀ, ପାଟଣାଗଡ ଦେଇ ବଲାଙ୍ଗୀରଠାରେ ପହଂଚିବେ । ୨୨ ତାରିଖ ସଂଧାରେ ଶ୍ରୀ ବୈଷ୍ଣବ ବଲାଙ୍ଗୀରରୁ ଭୁବନେଶ୍ୱର ଫେରି ଆସି ଦିଲ୍ଲୀ ପ୍ରତ୍ୟାବର୍ତନ କରିବେ । ଏହି ଜନ ଆଶୀର୍ବାଦ ଯାତ୍ରା ଅବସରରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ୭ଟି ଜିଲ୍ଲା, ୬ଟି ଲୋକସଭା ଅଂଚଳରେ ୧୧୫ଟି ସ୍ଥାନରେ ଅନୁଷ୍ଠିତ ହେବାକୁ ଥିବା ସଭା ଓ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇ କହିଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭୁବନେଶ୍ୱର, ଖୋର୍ଦ୍ଧା, କଟକ ଜିଲ୍ଲାର ବିଭିନ୍ନ ସ୍ଥାନ ଗସ୍ତ କରିବେ । ଅନ୍ୟତମ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ଅସୁସ୍ଥ ଥିବା କାରଣରୁ ତାଙ୍କ କାର୍ଯ୍ୟକ୍ରମ ସ୍ଥିର ହୋଇନାହିଁ । କେନ୍ଦ୍ରମନ୍ତ୍ରୀଙ୍କ ଓଡିଶା ଗସ୍ତ କାର୍ଯ୍ୟକୁ ସୁପରିଚାଳିତ କରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି । ଏହି ଟିମରେ ରାଜ୍ୟ ସାଧାରଣ ସଂପାଦକ ତଥା ପୂର୍ବତନ ବିଧାୟକ ରବି ନାଏକ, ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ସଂପାଦକ ସୀମାଂଚଳ ଖଟେଇ ପ୍ରମୁଖ ଅଛନ୍ତି ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି । ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧମ ମୁଖ୍ୟ ଦିଲୀପ ମଲ୍ଲିକ ଏବଂ ସୁଜିତ୍ କୁମାର ଦାସ୍ ଉପସ୍ଥିତ ଥିଲେ ।

# କେନ୍ଦ୍ର ମୋଦି ସରକାର ଓବିସି ବିରୋଧି : କଂଗ୍ରେସ

ଭୁବନେଶ୍ୱର,୧୬/୮ (ନି.ପ୍ର): ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧିନ ମୋଦି ସରକାର ଓବିସି ସ୍ୱାର୍ଥର ପରିପନ୍ଥୀ ବୋଲି କଂଗ୍ରେସ ଅଭିଯୋଗ କରିଛି । କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମଳନୀରେ ଉଦ୍‌ବୋଧନ ଦେଇ ପିସିସି ଗଣମାଧମ ବିଭାଗ ଅଧକ୍ଷ ଗଣେଶ୍ୱର ବେହେରା କହିଛନ୍ତି ଯେ ବିଳମ୍ବିତ ନ୍ୟାୟ ହେଉଛି ବିଡ଼ମ୍ବିତ ନ୍ୟାୟ । କେନ୍ଦ୍ର ସରକାର ଦେଶ ଜନସଂଖ୍ୟାର ଅର୍ଦ୍ଧେକ ଓବିସି ବର୍ଗ ପ୍ରତି ଧାରାବାହିକ ଭାବେ ଅବହେଳା ପ୍ରଦର୍ଶନ କରିଚାଲିଛି । ତାଙ୍କ ଯୁକ୍ତିରେ ପ୍ରତିପାଦନ ପାଇଁ ସେ କରିଛନ୍ତି ଯେ ପାର୍ଲ୍ୟାମେଂଟରେ ସଦ୍ୟ ପାରିତ ୧୨୭ ତମ ସଂଶୋଧନ ବିଲ କେନ୍ଦ୍ର ସରକାରଙ୍କ ତୃଟିର ସଂଶୋଧନ ମାତ୍ର । ଏଥିରେ ଓବିସି ସ୍ୱାର୍ଥ ରକ୍ଷା କ୍ଷେତ୍ରରେ କୌଣସି ନୂଆ ପ୍ରାବଧାନ ନାହିଁ । ୧୦୨ତମ ସଂବିଧାନ ସଂଶୋଧନ କରି ରାଜ୍ୟମାନଙ୍କର କ୍ଷମତା ଅପହରଣ ଜନିତ ଯେଉଁ ପାପ କରିଥିଲେ ଏହା ତାହାର ପ୍ରାୟଶ୍ଚିତ ମାତ୍ର । ଅନୁରୂପ ଭାବେରେ ଜୁଲାଇ ୨୬ ରେ ଓବିସି ଓ ଇବିସି ମାନଙ୍କ ପାଇଁ ଯେଉଁ ୨୭ ଭାଗ ଓ ୧୦ ଭାଗ ମେଡିକାଲ କଲେଜ ନାମଲେଖା କ୍ଷେତ୍ରରେ ଉଦ୍ଦିଷ୍ଟ ସର୍ବ ଭାରତୀୟ କୋଟାରେ ସଂରକ୍ଷଣ ଘୋଷଣା କଲେ ତାହା କୋର୍ଟ ଭୟରେ । ଏକ ସପ୍ତାହ ମଧ୍ୟରେ ଏହା ସଂରକ୍ଷଣ କରି ନାମଲେଖା ପ୍ରକ୍ରିୟା ଆରମ୍ଭ ନକେଲ କୋର୍ଟ ଅବମାନନା ଅପରାଧରେ ଦଣ୍ଡିତ କରାଯିବାର ମାଡ୍ରାସ ଭଳି ଉଚ୍ଚ ନ୍ୟାୟଳୟ ଯେଉଁ ଧମକ ଦେଲେ ସେଥିରେ ସରକାର ମୁଣ୍ଡ ନୁଆଁଇଲେ । ଓବିସି ପ୍ରତି ଦରଦୀ ମନୋଭାବ ନୁହେଁ ବରଂ ଓବିସି ସ୍ୱାର୍ଥ ବିରୋଧି ଆଭିମୁଖ୍ୟର ପରିଚାୟକ । ପ୍ରଧାନ ମନ୍ତ୍ରୀ ଗତ ଜୁଲାଇ ୩,୨୦୨୦ରେ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦେଇଥିବା ଚିଠି ପ୍ରତି ଉଚିତ ଧ୍ୟାନ ଦେଇଥାନ୍ତେ ତେବେ କୋର୍ଟର ଧମକରୁ ବଂଚିତ ହୋଇଥାନ୍ତେ ଓ ଓବିସି ବର୍ଗର ଛାତ୍ରଛାତ୍ରୀ ମାନେ ମେଡିକାଲ କୋର୍ସ ପଢ଼ି ଉପକୃତ ହୋଇଥାନ୍ତେ । ଉପରୋକ୍ତ ଦୁଇଟି ଉଦାହରଣ ଓବିସି ପ୍ରତି ସରକାରୀ ଉଦାସୀନତାର ପ୍ରମାଣ ଦେଉଛି ।

# ସ୍କାଉଟ ଗାଇଡ୍ ତରଫରୁ ସ୍ୱାଧୀନତା ଦିବସ ପାଳନ ଏବଂ ମାସ୍କ ବଣ୍ଟନ





ଭୁବନେଶ୍ୱର ,୧୬/୮ (ନି.ପ୍ର): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥା ତରଫରୁ ସ୍ୱାଧୀନତା ଦିବସ ଅବସରରେ ପ୍ରାତଃରୁ ପ୍ରଭାତ ଫେରି କାର୍ଯ୍ୟକ୍ରମ ହେବା ସଙ୍ଗେ ସଙ୍ଗେ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କରାଯାଇଥିଲା । ରାଜ୍ୟ ମୁଖ୍ୟାଳୟର ସମସ୍ତ କର୍ମକର୍ତ୍ତାମାନେ ଯୋଗଦାନ କରି ଜାତୀୟ ସଂଗୀତ ଗାନ କରିବା ସଙ୍ଗେ ସଙ୍ଗେ ଦେଶକୁ ସ୍ୱାଧୀନତା ଆଣିବାରେ ଅବଦାନ ଥିବା ବ୍ୟକ୍ତି ବିଶେଷମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ଜୟଗାନ କରିଥିଲେ । ଆଜିର ଏହି ପବିତ୍ର ଦିବସ ଅବସରରେ ଦିବା ୧୦.୩୦ ମିନିଟ୍‌ରେ ରାଜ୍ୟ କାର୍ଯ୍ୟାଳୟର କର୍ମକର୍ତ୍ତା , ରାଜ୍ୟ ମୁଖ୍ୟାଳୟ ଓପନ ୟୁନିଟ୍‌ର ରୋଭର ରେଞ୍ଜର, ରାଧା ମଧୁସୁଦନ ଡିଗ୍ରୀ ମହାବିଦ୍ୟାଳୟ, ପଟିଆର ରୋଭର ରେଞ୍ଜରମାନେ ମଞ୍ଚେଶ୍ୱରସ୍ଥିତ ଶିକ୍ଷାଞ୍ଚଳ ବିଦ୍ୟାଳୟ ପାର୍ଶ୍ୱବର୍ତ୍ତୀ ପୁରୁଷୋତ୍ତମପୁର ବସ୍ତିରେ ଏକତ୍ରୀତ ହୋଇ କୋଭିଡ୍ ନିୟମ ଅନୁସାରେ ବସ୍ତିରେ ରହୁଥିବା ସମସ୍ତ ସଦସ୍ୟ ଏବଂ ପିଲାମାନଙ୍କୁ ମାସ୍କ ବଣ୍ଟନ କରିଥିଲେ । କୋଭିଡ୍ ଗାଇଡ୍ ଲାଇନ୍ କଥା ମାନି ଆଗକୁ ଚଳିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିବା ସଙ୍ଗେ ସଙ୍ଗେ ବସ୍ତିରେ ଥିବା ପରିବାରର ସମସ୍ତ ସଦସ୍ୟ ଓ ସଦସ୍ୟା ଏବଂ ପରିଶେଷରେ ବସ୍ତିରେ ଥିବା ପିଲାମାନଙ୍କୁ ସ୍କାଉଟ ଗାଇଡ୍‌ର ଆଭିମୁଖ୍ୟ ବିଷୟରେ ଅବଗତ କରାଇଥିଲେ ।

# ରାଜ୍ୟ ସରକାରଙ୍କ ଘୋଷଣା ଓ ପ୍ରତିଶ୍ରୁତି ପାଣିର ଗାର- କିଷାନ କଂଗ୍ରେସ

ଭୁବନେଶ୍ୱର,୧୬/୮ (ନି.ପ୍ର): ଓଡ଼ିଶାର ଗଞ୍ଜାମ ଜିଲ୍ଲା ଏକ ଶିଳ୍ପ ବିହିନ ଜିଲ୍ଲା । ଏହି ଜିଲ୍ଲାର ଚାଷୀମାନେ ବହୁ ପରିଶ୍ରମୀ ଓ ବିଧ କୃଷି ଉପରେ ନିର୍ଭରଶୀଳ । ଜିଲ୍ଲା ଲୋକସଂଖ୍ୟାର ୭୦ ପ୍ରତିଶତ ମହିଳାଠାରୁ ପୁରୁଷ ପର୍ଯ୍ୟନ୍ତ ସମସ୍ତେ କୃଷି କାର୍ଯ୍ୟରେ ସମ୍ପୂର୍ଣ୍ଣ ନିୟୋଜିତ । କିନ୍ତୁ ଚାଷକୁ ଜଳସେଚନଠାରୁ ଆରମ୍ଭ କରି ଉତ୍ପାଦିତ କୃଷିଜାତ ଦ୍ରବ୍ୟର ଅଭାବୀ ବିକ୍ରି, ପନିପରିବା ପାଇଁ ଶୀତଳ ଭଣ୍ଡାର ଓ ଗ୍ରାମା ଲରେ ଆବଶ୍ୟକ କୃଷି ଭିତିଭୂମି ନ ଥିବା ହେତୁ ଚାଷୀ ସବୁ କ୍ଷେତ୍ରରେ ବହୁ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । ଅର୍ଥକରୀ ଫସଲ କପା, ନଡ଼ିଆ, କିଆ, ଆଖୁ, ଫୁଲ, ପାନ, ମାଛ, ଗୋପାଳନ ପ୍ରଭୃତି ଚାଷ ପାଇଁ ଚାଷୀ ଆଗ୍ରହୀ ଥିଲା ବେଳେ ଏଠାରେ ସରକାରୀ ଯୋଜନାଗୁଡ଼ିକର ବାସ୍ତବାଭିମୁଖୀ ହୋଇ ପାରୁ ନ ଥିବା ହେତୁ ଚାଷୀ ଚାଷ ଛାଡ଼ିବାକୁ ବାଧ ହେଉଛନ୍ତି । ଫଳରେ ଜିଲ୍ଲାର ଲକ୍ଷ ଲକ୍ଷ ଚାଷୀ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି । ଜିଲ୍ଲାରେ ମନରେଗା ନାଁରେ କୋଟି କୋଟି ଟଙ୍କା ହରି ଲୁଟ୍ କରାଯାଉଛି । ସମସ୍ତ ସରକାରୀ ଯୋଜନା ଏହି ଜିଲ୍ଲାରେ ଫେଲ୍ ମାରିଛି । ଅନେକ ସମୟରେ ଚାଷୀ ନିରାଶୟ ହୋଇ ଆତ୍ମହତ୍ୟା କରିଥିବାର ନଜିର ରହିଛି । ଏପରି ସ୍ଥଳେ ମୁଖ୍ୟମନ୍ତ୍ରୀ ଚାଷ ଓ ଚାଷୀର ବିକାଶ ପାଇଁ ଯେତେଗୁଡ଼ିଏ ଘୋଷଣା ଓ ପ୍ରତିଶ୍ରୁତି ଦେଇଛନ୍ତି, ଏହା କେବଳ ପ୍ରଚାର ସର୍ବସ୍ୱ ହୋଇଛି ବୋଲି ପିସିସି କିଷାନ କଂଗ୍ରେସ ଅଧକ୍ଷ ଅମୀୟ କୁମାର ପଟ୍ଟନାୟକ, ଉପାଧକ୍ଷ ସୁବାଷ ରାଉତ, ସାଧାରଣ ସମ୍ପାଦକ ସାଇ ପ୍ରସାଦ ପାତ୍ର, ସମ୍ପାଦକ ପଦ୍ମ ଚରଣ ସାହୁ, ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟେଇ, ସଂଯୋଜକ ରାମ ବିଶ୍ୱାସରାୟ ପ୍ରମୁଖ ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ନିକଟରେ ଜିଲ୍ଲାର ଦିଗ ପହଣ୍ଡିରେ ତୁଳା ଜିନିଂ ମିଲ୍ ପ୍ରତିଷ୍ଠା କରିବା ଓ ଫସଲର ବିବିଧକରଣ ପାଇଁ କୃଷକଙ୍କୁ ପ୍ରୋତ୍ସାହନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଯେଉଁ ସୁନେଲୀ ସ୍ୱପ୍ନ ଦେଖାଇ ଛନ୍ତି ଏହା ଆସନ୍ତା ପଂଚାୟତ ଓ ମ୍ୟୁନିସପାଲିଟ୍ ନିର୍ବାଚନ ପାଇଁ ବିଜେଡ଼ି ଦଳର ନୂଆ ଥୋପ ବୋଲି ସେମାନେ କହିଛନ୍ତି ।

# ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ, ଟାଟା ପାୱାର ଉତ୍ତରାଞ୍ଚଳ ଶାଖା, ବାଲେଶ୍ୱର ତରଫରୁ ସ୍ୱାଧୀନତା ଦିବସ ପାଳନ

ବାଲେଶ୍ୱର,୧୬/୦୮ (ନି.ପ୍ର): ହୀରକ ଜୟନ୍ତୀ ସ୍ୱାଧୀନତା ଦିବସ ଅବସରରେ ଟାଟା ପାୱାର ଉତ୍ତରାଞ୍ଚଳ ଶାଖା, ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ସହବନ୍ଧିତ ବିଜୁ ଶ୍ରମିକ ସାମ୍ମୁଖ୍ୟ ଦ୍ୱାରା ବାଲେଶ୍ୱର ବିବେକାନନ୍ଦ ମାର୍ଗ ସ୍ଥିତ ସଂଘ କାର୍ଯ୍ୟାଳୟଠାରେ ଏକ ବିଶାଳ ରକ୍ତଦାନ ଶିବିରର ଆୟୋଜନ ହୋଇଯାଇଛି । ଏହି ଶିବିରକୁ ମୁଖ୍ୟ ଅତିଥି ତଥା ଓଡ଼ିଶାର ମାନ୍ୟବର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ଏବଂ ସମ୍ମାନୀୟ ଅତିଥି, ସଂଘର ମୁଖ୍ୟ ଉପଦେଷ୍ଟା ତଥା ବାଲେଶ୍ୱରର ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା ଏବଂ ଟିପି ଏନଓଡିଏଲ୍ର ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଶ୍ରୀଯୁକ୍ତ ଶ୍ରୀବଲ୍ଲଭ ସିଂ ଓ ମାନବ ସମ୍ବଳ ଅଧିକାରୀ ଶ୍ରୀ ଚିତ୍ତରଞ୍ଜନ ପ୍ରଧାନ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସର୍ବ ପ୍ରଥମେ ସଂଘର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ବାଲେଶ୍ୱରର ମାନ୍ୟବର ବିଧାୟକ ତଥା ସଂଘର ଉପଦେଷ୍ଟା ସ୍ୱରୂପ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରି ଆଜିର କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏହି ଶିବିରରେ ସଂଘର ୧୧୩ ଜଣ ସଦସ୍ୟ ରକ୍ତଦାନ କରିଥିଲେ । ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ, ରକ୍ତ ଭଣ୍ଡାରର ଡାକ୍ତର ଏବଂ କର୍ମଚାରୀମାନେ ରକ୍ତ ସଂଗ୍ରହ କାର୍ଯ୍ୟକୁ ସଂଚଳାନ କରିଥିଲେ । ଏହି ଶିବିରର ଆୟୋଜନରେ ସଂଘର ଉତ୍ତରାଞ୍ଚଳ ଶାଖାର ଜୋନାଲ ସେକ୍ରେଟାରୀ ହରିଶ ଚନ୍ଦ୍ର ଦାସ, ଆଇନ ପରାମର୍ଶ ଦାତା ରଘୁନାଥ ଲେଙ୍କା, ଜୀବନବିନ୍ଦୁ ମୋ ପରିବାରର ବାଲେଶ୍ୱର ସଂଯୋଜକ ସାଇରୁଲ ହକ, ସହକାରୀ ଜୋନାଲ ସେକ୍ରେଟାରୀ ପ୍ରଦୀପ କୁମାର ଦାସ (ପିଣ୍ଟୁ) ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ଓ ପ୍ରାକ୍ତନ ରେମୁଣା ବିଧାୟକ ଶ୍ରୀ ସୁଦର୍ଶନ ଜେନା, ସଂଘର ଅନ୍ୟତମ ଉପଦେଷ୍ଟା ଜିତେନ୍ଦ୍ର ମୋହନ ଜେନା, ଚିତ୍ତରଞ୍ଜନ ପଡ଼ିଆରୀ, ମନରଞ୍ଜନ ସାହୁ ଏହି ଶିବିରରେ ଉପସ୍ଥିତ ରହି ସଦସ୍ୟ ଏବଂ ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର ବରିଷ୍ଠ କର୍ମକର୍ତ୍ତା ବଟକୃଷ୍ଣ ଜେନା, ସୁକାନ୍ତ ଜେନା, ପ୍ରଶାନ୍ତ ପରିଡ଼ା, ସମଜିତ ମହାନ୍ତି, ପ୍ରଦୀପ ଦାସ (କାଲୁ), ମନୋଜ ସାହୁ, ବିଜୟ ମହାନ୍ତି, ଗୋପାଳ ଚନ୍ଦ୍ର ମାଲାକାର, ସଞ୍ଜୟ ପ୍ରଧାନ, ବିଶ୍ୱେଶ୍ୱର ସେନାପତି, ଗୌରୀ କର, ଆଶୋକ ସାହୁ, ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨୪ ଘଣ୍ଟାରେ ରାଜ୍ୟରେ ୧୦୪....

ଚିହ୍ନଟ ହୋଇଛନ୍ତି । ଗତକାଲି ମଧ ୧୩୮ ଜଣ ଶିଶୁ ଓ କିଶୋର କରୋନା ଆକ୍ରାନ୍ତ ହୋଇଥିବା ସୂଚନା ଦେଇଥିଲା ସ୍ୱାସ୍ଥ୍ୟ ବିଭାଗ । ତେବେ ଆକ୍ରାନ୍ତ ହେଲେ ମଧ ଶିଶୁଙ୍କଠାରେ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଉ ନାହିଁ ବୋଲି କହିଛନ୍ତି ଡିଏମଇଟି । ବରିଷ୍ଠ ଶିଶୁରୋଗ ବିଶେଷଜ୍ଞଙ୍କ କହିବା କଥା ହେଉଛି ୧୦ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଦେହରେ ଅଧିକ ରୋଗ ପ୍ରତିରୋଧକ ଶକ୍ତି ଥାଏ । କିନ୍ତୁ ୧୦ ରୁ ୧୮ ବର୍ଷ ପର୍ଯ୍ୟନ୍ତ ପିଲାଙ୍କ ଦେହରେ ରୋଗ ପ୍ରତିରୋଧକ ଶକ୍ତି କ୍ରମଶଃ ହ୍ରାସ ପାଇଥାଏ । ତେଣୁ ଏହି ବର୍ଗ ସତର୍କ ରହିବା ଆବଶ୍ୟକ । ଛୋଟ ପିଲା ଓ କରୋନା ନେଇ ୟୁନିସେଫ ପକ୍ଷରୁ କିଛି ପ୍ରଶ୍ନର ଉତର ଓ ପରାମର୍ଶ ଦିଆଯାଇଛି । ପିଲାଟି ଯଦି ଅସୁସ୍ଥ ଥାଏ, ସ୍ୱାସ୍ଥ୍ୟ କର୍ମୀଙ୍କ ପରାମର୍ଶ ନିଅନ୍ତୁ । ପିଲାଙ୍କ ପାଖରେ କିଛି ଲକ୍ଷଣ ଦେଖାଦେଲେ ତୁରନ୍ତ ପରୀକ୍ଷା କରନ୍ତୁ । କରୋନାର ସାମାନ୍ୟ ଲକ୍ଷଣ ଥିବା ପିଲାଙ୍କୁ ସ୍ୱାସ୍ଥ୍ୟକର୍ମୀଙ୍କ ପରାମର୍ଶ କ୍ରମେ ଘରେ ଚିକିତ୍ସା କରାଯାଇପାରେ । ଯଦି କିଛି ଅଧିକ ଲକ୍ଷଣ ଥାଏ, ପିଲାଙ୍କୁ ହସ୍ପିଟାଲକୁ ତୁରନ୍ତ ନେବା ଆବଶ୍ୟକ ।

## ୭୫ତମ ରାଜ୍ୟସ୍ତରୀୟ ସ୍ୱାଧୀନତା....

ଲଢ଼େଇରେ ଶହୀଦ ହୋଇଥିବା କୋଭିଡ୍ ଯୋଦ୍ଧାମାନଙ୍କ ପ୍ରତି ମଧ ମୁଖ୍ୟମନ୍ତ୍ରୀ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିବା ଲକ୍ଷ୍ୟ ନେଇ ଏକ ଐତିହାସିକ ଘୋଷଣା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ସାରା ଓଡିଶା ମୋ ପରିବାର । ମୋ ପାଇଁ ପ୍ରତି ଜୀବନ ମୂଲ୍ୟବାନ । ଯେତେବେଳେ ଲୋକମାନେ ଚିକିତ୍ସା ପାଇଁ ଜମି ବିକିବା, ସୁନା ବିକିବା ଓ ପିଲାଙ୍କ ପାଠ ବନ୍ଦ କରିବା ଖବର ମିଳେ, ସେତେବେଳେ ମୋତେ ବହୁତ କଷ୍ଟ ଲାଗେ ।' ଲୋକଙ୍କର ଏହି ଦୁଃଖ ଦୂର କରିବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ନୂଆ ରୂପରେ ଲାଗୁ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏଥିପାଇଁ ରାଜ୍ୟର ୯୬ ଲକ୍ଷ ପରିବାର, ସାଢେ ତିନି କୋଟି ଲୋକଙ୍କୁ ସ୍ମାର୍ଟ ହେଲ୍ଥ କାର୍ଡ ମିଳିବ । ସାରା ଓଡିଶାରେ ପର୍ଯ୍ୟାୟକ୍ରମେ ଏହି କାର୍ଡ ଦିଆଯିବ । ଏଭଳି ସ୍ମାର୍ଟ ହେଲ୍ଥ କାର୍ଡ ଦେବାରେ ଓଡିଶା ଦେଶର ପ୍ରଥମ ରାଜ୍ୟ । ଜାତୀୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ରାଜ୍ୟ ଖାଦ୍ୟ ସୁରକ୍ଷା ହିତାଧିକାରୀ, ଅନ୍ନପୂର୍ଣ୍ଣା ଓ ଅନ୍ତ୍ୟୋଦୟ ହିତାଧିକାରୀ, ସମସ୍ତଙ୍କୁ ଏହି ସ୍ମାର୍ଟ ହେଲ୍ଥ କାର୍ଡ ମିଳିବ । ଏଥିରେ ପରିବାର ପାଇଁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଓ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଚିକିତ୍ସା ସୁବିଧା ପ୍ରତି ବର୍ଷ ମିଳିବ । ଓଡିଶା ସମେତ ସାରା ଦେଶର ୨୦୦ରୁ ଅଧିକ ବଡ ବଡ ହସ୍ପିଟାଲ ଚେନ୍ ମାନଙ୍କରେ ମାଗଣାରେ ଚିକିତ୍ସା ସୁବିଧା ମିଳିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ସାରା ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ନୂଆ ଇତିହାସ ସୃଷ୍ଟି କରିବ । ମୋର ବିଶ୍ୱାସ, ମୋର ପ୍ରିୟ ଓଡିଶାବାସୀଙ୍କୁ ସ୍ୱାସ୍ଥ୍ୟ ନିରାପତ୍ତାକୁ ଆହୁରି ସୁଦୃଢ କରିବାରେ ଏହି ବ୍ୟବସ୍ଥା ବିଶେଷ ସାହାଯ୍ୟ କରିବ । ରାଜ୍ୟରେ ସ୍ୱାସ୍ଥ୍ୟ ସେବା ବିକାଶରେ ଏହା ଏକ ନୂଆ ଯୁଗ ଆରମ୍ଭ କରିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୭୫ ବର୍ଷ ଗୋଟିଏ ଦେଶ ପାଇଁ, ଜାତି ପାଇଁ ବହୁତ ବଡ ସମୟ ନ ହେଲେ ମଧ ଏହାର ବିଶେଷ ଗୁରୁତ୍ୱ ରହିଛି । ଭାରତର ଗଣତନ୍ତ୍ରକୁ ଆମର ସବୁଠାରୁ ବଡ ସଫଳତା ଭାବରେ ବର୍ଣ୍ଣନା କରି ଦେଶର ବିକାଶ ପ୍ରକ୍ରିୟାରେ ଏହା ସମସ୍ତଙ୍କୁ ଭାଗୀଦାର କରିବାରେ ସଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ସେ ପୁଣି କହିଥିଲେ ଯେ ୪୦ ବର୍ଷର ବ୍ୟବଧାନ ପରେ ଭାରତୀୟ ହକି ଟୋକିଓ ଅଲମ୍ପିକ୍ସ ରେ ପଦକ ପାଇଥିବାରୁ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ ଆମ ଖେଳାଳୀ ମାନଙ୍କ ପାଇଁ ସାରା ଦେଶ ଗର୍ବିତ ବୋଲି କହିଥିଲେ । ଭାରତୀୟ ହକି ଦଳକୁ ବିଶ୍ୱର ଶ୍ରେଷ୍ଠ ଦଳ ଭାବରେ ଗଢିତୋଳିବା ପାଇଁ ସବୁପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

## ଅବକାରୀ ଚଢ଼ାଉ, ବିପୁଳ ମଦ ସହ ଜଣେ ଗିରଫ

ନୀଳଗିରି,୧୬/୦୮ (ନି.ପ୍ର): ନୀଳଗିରି ଅବକାରୀ ବିଭାଗ ନୀଳଗିରି ର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପଚ ଓ ମଦ ସହ ଜଣକୁ ଗିରଫ କରିଛନ୍ତି । ବରହମପୁର ଥାନାରେ ଅଧିନସ୍ଥ ଝରଣାଘାଟି ଗ୍ରାମର ନାରାୟଣ ରାଜଙ୍କ ଠାରୁ ୧୨କ୍ୟୁଣ୍ଟା ମହୁଲ ଫୁଲ ଜବତ କରିଥିବା ବେଳେ ତାକୁ ଗିରଫ କରିଛନ୍ତି । ସେହିପରି ପିଠାହତା ତରତରୀ ନଦୀ ପାର୍ଶ୍ୱରୁ ଚଢ଼ାଉ କରାଯାଇ ୨୦୦୦ ଲିଟର ପୋଚ ଓ ୨୦୦ ଲିଟର ଦେଶୀ ମଦ ଜବତ୍ କରିଛନ୍ତି । ଏହି ଚଢ଼ାଉରେ ଇନ୍ସପେକ୍ଟର ନାରାୟଣ ବେହେରା , ସବ୍ଇନିସ୍ପେକ୍ଟର ଜୟନ୍ତି ଆଚାର୍ଯ୍ୟ, ଏ.ଏସ.ଆଇ. ପ୍ରହ୍ଲାଦ ବିଶ୍ୱାଳ, କନେଷ୍ଟବଳ ଦେବାଶିଷ ମଲ୍ଲିକ, ପିଙ୍କି ମାରାଣ୍ଡି ସାମିଲ ଥିଲେ ।

## କୁଲଡିହା ଅଭୟାରଣ୍ୟରୁ ରାମଭାଲୁ ଉଦ୍ଧାର

ନୀଳଗିରି,୧୬/୦୮ (ନି.ପ୍ର): କୁଲଡିହା ଅଭୟାରଣ୍ୟର ପାଦଦେଶ ଶ୍ୟାମସୁନ୍ଦର ପଞ୍ଚାୟତ ଅଧିନ ଗୋଡ଼ିଖୋଲା ଗ୍ରାମର ଏକ ଆହତ ରାମଭାଲୁକୁ ଉଦ୍ଧାର କରାଯାଇଅଛି । ଉକ୍ତ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଘର ବାଡ଼ିରେ ଆହତ ଅବସ୍ଥାରେ ରାମଭାଲୁଟି ପଡ଼ି ରହିଥିଲା । ଖବର ପାଇ କୁଲଡିହା ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଆହତ ରାମଭାଲୁକୁ ଉଦ୍ଧାର କରି ଚିକିତ୍ସିତ କରାଯାଇଥିବାର ଜଣାପଡ଼ିଛି ।


# ପ୍ରତିଜ୍ଞା ନିଶାନିବାରଣ କେନ୍ଦ୍ରରେ ୭୫ତମ ସ୍ୱାଧିନତା ଦିବସ ପାଳିତ



ବାରିପଦା,୧୬/୦୮(ନି.ପ୍ର): ପ୍ରତ୍ୟେକ ବର୍ଷ ପରି ଏ ବର୍ଷ ମଧ ଭାରତର ସ୍ୱାଧିନତା ଦିବସକୁ ପ୍ରତିଜ୍ଞା ନିଶା ନିବାରଣ କେନ୍ଦ୍ର ପରିଷରରେ ମହା ଆଡମ୍ବର ସହକାରେ ପାଳିତ ହୋଇଯାଇଛି । ସର୍ବପ୍ରଥମେ ସକାଳ ଠିକ୍ ପ୍ରାତଃ ୮.୪୫ ମିନିଟ୍ ସମୟରେ କେନ୍ଦ୍ରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଉକ୍ତ ଜାତୀୟ ପତାକାକୁ ଉତ୍ତୋଳନ କରିବା ଉଦ୍ଦେଶ୍ୟରେ ସମନାଥ ସିଂ ସମାଜ ସେବୀ, ଶତୃଘ୍ନ ସେନାପତି ଅବସରରେ ପ୍ରାପ୍ତ ବାୟୁସେନା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ ଏବଂ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ଦାସ ଯୋଗଦେଇଥିଲେ । ତିନି ଅତିଥିଙ୍କର କରକମଳରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଜାତୀୟ ପତାକା ଉତ୍ତୋଳନ ସମୟରେ ସମସ୍ତ ଅନ୍ତେବାସୀଙ୍କ ଦ୍ୱାରା ସଂଗୀତ ଗାନ କରିବା ଦୃଶ୍ୟ ଅତ୍ୟନ୍ତ ହୃଦୟ ସ୍ୱର୍ଶୀ ଥିଲା । ଏହାପରେ କେନ୍ଦ୍ର ପରିସରରେ ଏକ ସଦ୍ଭାବନା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଉକ୍ତ ସଭାରେ ସମାଜ ସେବୀ ଶ୍ରୀ ସମନାଥ ସିଂ ବିଭିନ୍ନ ଉଦାହରଣ ମାନ ଦେଇ ନିଶାର କୁ ପ୍ରଭାବ ବିଷୟରେ ଅବଗତ କରାଇଥିଲେ । ସେହିପରି ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ଶତୃଘ୍ନ ସେନାପତି ତାଙ୍କର ଦେଶ ପ୍ରତି ପ୍ରେମ ଏବଂ ଅବସର ପ୍ରାପ୍ତ ବାୟୁସେନା ଜୀବନର ଅଭିଜ୍ଞତାକୁ ଅନ୍ତେବାସୀ ମାନଙ୍କ ସହିତ ଭାବ ପ୍ରଦାନ କରିଥିଲେ । ଏବଂ ପରିଶେଷରେ ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଦାସ ନିଶା ଖାଇବା ଦ୍ୱାରା ଅଜ୍ଞାନ ହୋଇ ଯେଉଁସବୁ ଅପରାଧ ମାନ ଘଟିଯାଇଛି ଏବଂ ନିଶାର କୁ ପରିଣାମ ବିଷୟରେ ଅନ୍ତେବାସୀଙ୍କୁ ଅବଗତ କରାଇଥିଲେ । ଏହାପରେ ସମସ୍ତଙ୍କୁ ମିଷ୍ଟାନ ବଣ୍ଟନ କରାଯାଇଥିଲା । ଏବଂ ସର୍ବ ଶେଷରେ କାର୍ଯ୍ୟ ନିର୍ବାହୀ ପ୍ରମୁଖ ଶ୍ରୀଯୁକ୍ତ ପିତବାସ ରାଉଳ, ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଂଜୟ କିସ୍କୁ, ଜୟନ୍ତ ଘୋଷ, ରାଜା ପଣ୍ଡା, ସମୀର ମହାନ୍ତି, ରାଧାଶ୍ୟାମ ପଟ୍ଟନାୟକ, ସୁଶିଲ ରାଉଳ ପ୍ରମୁଖ ସହଯୋଗ କରିଥିଲେ ।

# ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ 'ପ୍ରକୃତିବନ୍ଧୁ ସମ୍ମାନ' ପ୍ରଦାନ

ଭୁବନେଶ୍ୱର,୧୬/୦୮(ନି.ପ୍ର): ନିଶିଗନ୍ଧା ଭାଷା ପ୍ରତିଷ୍ଠାନ, ଖୋର୍ଦ୍ଧା ପକ୍ଷରୁ ଦେଶର ପଚସ୍ତରୀତମ ସ୍ୱାଧୀନତା ଦିବସ ପାଳନ ହୋଇଯାଇଛି । ଉତ୍ସବର ମୁଖ୍ୟ ଅତିଥି ପୂର୍ବତନ ଅର୍ଥ ମନ୍ତ୍ରୀ ପଞ୍ଚାନନ କାନୁନଗୋ ପତାକା ଉତ୍ତୋ ଳନ କରିଥିଲେ । ସମ୍ମାନିତ ଅତିଥି ପୂର୍ବତନ ଲୋକସଭା ସଦସ୍ୟ ଡ଼ଃ ପ୍ରସନ୍ନ କୁମାର ପକ୍ଷଟଶାଣୀ ଉପସ୍ଥିତ ଥିଲେ । ସଭକ୍ଷରେ ସଭାପତିତ୍ୱ କରିଥିଲେ ଚକ୍ରଧର ତ୍ରିପାଠୀ । ପ୍ରତିଷ୍ଠାତା ବଳରାମ ତରାଇ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିଲେ । ସାନ୍ଧ୍ୟ କାର୍ଯ୍ୟକ୍ରମ ରେ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ ଭଳି ମହତ କାର୍ଯ୍ୟ କରିଥିବା ଓଡ଼ିଶାର ୬୪ ଜଣ ପ୍ରକୃତି ପ୍ରେମୀଙ୍କୁ 'ନିଶିଗନ୍ଧା ପ୍ରକୃତିବନ୍ଧୁ ସମ୍ମାନ'ରେ




ଆଭାସୀ ପ୍ରଣାଳୀରେ ସମ୍ମାନିତ କରକ୍ଷଯାଇଥିଲା । ସାନ୍ଧ୍ୟ ଅଧିବେଶନରେ ଉଦଘାଟକ ରୂପେ ଡ଼ଃ ପ୍ରସନ୍ନ କୁମାର ପକ୍ଷଟଶାଣୀ, ମୁଖ୍ୟ ଅତିଥି ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ଼ଃ ହୃଷିକେଶ ମଲ୍ଲିକ, ମୁଖ୍ୟ ବକ୍ତା ଓଡିଶା ରାଜ୍ୟ ରକ୍ଷଜଭାଷା ବିକାଶ ପରିଷଦ ଅଧକ୍ଷ ନାରାୟଣ ମୁଦୁଲି ଏବଂ ସମ୍ମାନିତ ଅତିଥି ସୀତାଂଶୁ ତ୍ରିପାଠୀ, ପୂର୍ବତନ ଡେପୁଟି କଲେକ୍ଟର ଯୋଗ ଦେଇଥିବାବେଳେ ଗୋବିନ୍ଦ ଚନ୍ଦ୍ର ଫାରକ ସଭାପତିତ୍ୱ କରିଥିଲେ । ଉପଦେଷ୍ଟା ନିରଦ ଚନ୍ଦ୍ର ଜେନା ସ୍ୱାଗତ ଓ ଅତିଥି ପରିଚୟ, ପ୍ରତିଷ୍ଠାତା ସମ୍ପାଦକ ବଳରାମ ତରାଇ ପ୍ରାରମ୍ଭିକ ଭାଷଣ ଓ ସଂଗଠନ ସମ୍ପାଦକ କୈଳାସ ଚନ୍ଦ୍ର ପଟନାୟକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରେ ପରେ ଓଡିଶାର ଚାରୋଟି ଜୋନ ଅନ୍ତର୍ଭୁକ୍ତ ୩୦ ଜିଲ୍ଲାରେ କବିତା ଆସର ଅନୁଷ୍ଠିତ ହୋଇଥିଲା । ଏଥିରେ ଶତାଧିକ କବି କବୟିତ୍ରୀ ଯୋଗ ଦେଇ ସ୍ୱରଚିତ କବିତା ପାଠ କରିଥିଲେ ।

## ପର୍ଯ୍ୟଟକଙ୍କୁ ଛୁରୀ ଦେଖାଇ ଲୁଟ ଘଟଣା, ୩ଗିରଫ

ନୀଳଗିରି,୧୬/୦୮ (ନି.ପ୍ର): ନୀଳଗିରି ଜଗନ୍ନାଥ ମନ୍ଦିର କୁ ଦର୍ଶନ ପାଇଁ ଆସିଥିବା ଋନ୍ଦିପୁର ଥାନା ଅଧିନସ୍ଥ ନିଧିପଣ୍ଡା ଗୁଡୁପାହି ଗ୍ରାମର ପ୍ରକାଶ ବାସ୍କେ ଓ ତାଙ୍କ ପରିବାରଙ୍କୁ ଛୁରୀ ଦେଖାଇ କିଛି ଯୁବକ ସୁନା ଅଳଙ୍କାର, ମୋବାଇଲ ଓ ନଗଦ କିଛି ଟଙ୍କା ଛଡ଼ାଇ ନେବା ଘଟଣାର ନୀଳଗିରି ପୋଲିସ ଘଟଣାର ତଦନ୍ତ କରି ୩ଜଣ ଯୁବକଙ୍କୁ ଗିରଫ କରିଛି । ଉକ୍ତ ୩ଜଣ ଯୁବକ ହେଲେ ଘାଟଘରସାହି ଅଞ୍ଚଳର ଅନୀଲ କୁମାର ପାତ୍ର (୨୮), କରୁଣାକର ବୈଠା ଓ ଲୁଲୁ ବୈଠାଙ୍କୁ ଗିରଫ କରି କୋର୍ଟ ଋଲାଣ କରାଯାଇଥିବାର ଭାରପ୍ରାପ୍ତ ଆଇ.ଆଇ.ସି. ବାସୁଦେବ ଜୟସିଂହ ସୂଚନା ଦେଇଛନ୍ତି । ଏ ନେଇ ନୀଳଗିରି ଥାନାରେ ୨୦୮/୨୧ରେ ମାମଲା ରୁଜୁ କରାଯାଇଅଛି ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ପଣ୍ଡିତ ସୁରେନ୍ଦ୍ରନାଥ କରଙ୍କୁ ଭାଷା ସମ୍ବର୍ଦ୍ଧନା



ବାଲେଶ୍ୱର,୧୬/୦୮ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବରିଷ୍ଠ ଭାଷାସଂଗ୍ରାମୀ ପଣ୍ଡିତ ସୁରେନ୍ଦ୍ରନାଥ କରଙ୍କୁ ସ୍ୱାଧୀନତା ଦିବସ ଅବସରରେ ଭାଷା ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ରବିବାର ସନ୍ଧ୍ୟାରେ ପଢୁଆଁପଦା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠାନର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଓଡ଼ିଆ ଭାଷାର ସୁରକ୍ଷା ଓ ବିକାଶ ପାଇଁ ପଣ୍ଡିତ କରଙ୍କ ଅନବରତ ଉଦ୍ୟମକୁ ବକ୍ତାମାନେ ବହୁ ପ୍ରଶଂସା କରିଥିଲେ । ପ୍ରାକ୍ତନ ଅଧକ୍ଷ ପଣ୍ଡିତ ସଞ୍ଜୟ କୁମାର ପଣ୍ଡା ସଂସ୍କୃତରେ ପ୍ରଶଂସାଶ୍ଳୋକ ରଚନା କରି ପଣ୍ଡିତ କରଙ୍କୁ ଅର୍ପଣ କରିଥିଲେ । ପଣ୍ତତ କରଙ୍କୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପାୟନ ପ୍ରଦାନ କରାଯାଇ ଭେଷଜ ବିଶେଷଜ୍ଞ ଓ ସାହିତ୍ୟିକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଡାକ୍ତର ନନ୍ଦ ଓଡ଼ିଆ ଭାଷାର ମହତ୍ତ୍ୱ କୀର୍ତ୍ତନ କରିବା ସଙ୍ଗେସଙ୍ଗେ ଆମ ଭାଷା ପାଇଁ ଲଢୁଥିବା ସଂଗ୍ରାମୀମାନେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସହ ତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ । ସେ ଜେଲିଫିସ୍ ଓ ଗେଣ୍ଡାର ଉଦାହରଣ ଦେଇ ଆଜି କିପରି ଭାଷା ଇଂରାଜୀ ଓ ହିନ୍ଦୀ କବଳରେ କବଳିତ ହୋଇପଡୁଛି ତାହା ପ୍ରକାଶ କରିଥିଲେ । ପ୍ରଫେସର ଡ. ରମାକାନ୍ତ ବେହେରା ସୀମାନ୍ତ ଅଞ୍ଚଳ ଭୋଗରାଇ, ଚନ୍ଦନେଶ୍ୱର ଆଦି ସ୍ଥାନରେ ବିଭିନ୍ନ ବିଦ୍ୟାଳୟମାନଙ୍କରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଭାଷା ସଚେତନତା ସୃଷ୍ଟି କରିବାରେ ପଣ୍ଡିତ କର ପାରଦର୍ଶିତା ଦେଖାଇଛନ୍ତି ବୋଲି କହିଥିଲେ । ସାହିତ୍ୟିକ ଦୀନବନ୍ଧୁ ଲେଙ୍କା ଉତ୍କଳ ସମ୍ମିଳନୀରେ ପଣ୍ଡିତ କରଙ୍କର ଯୋଗଦାନ ଓ ଦାପ୍ତରିକ କ୍ଷେତ୍ରରେ ଓଡ଼ିଆ ଭାଷା ପ୍ରୟୋଗ କରିବାରେ ଉଦ୍ୟୋଗର ପ୍ରଶଂସା କରିଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପଣ୍ଡିତ କରଙ୍କର କର୍ମମୟ ଜୀବନରେ ଭାଷା ଆନ୍ଦୋଳନ ପ୍ରତି ଆନ୍ତରିକତାର ବର୍ଣ୍ଣନା କରିଥିଲେ । ସଂଗଠନ ସଂପାଦକ ତପନ ରାୟ ମଧ ପଣ୍ଡିତ କରଙ୍କ ଦକ୍ଷତା ଉପରେ ଆଲୋକପାତ କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ପଣ୍ଡିତ କର ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଭାଷା ଓ ସାହିତ୍ୟ ପ୍ରତି ଅନୁରକ୍ତ ହୋଇ କାମ କରି ଚାଲିଥିବେ ବୋଲି ସୂଚନା ଦେଇଥିଲେ । ଫକୀରମୋହନ ସାହିତ୍ୟ ପରିଷଦର ଉପସଭାପତି ପ୍ରଦୀପ ଚାଟାର୍ଜୀ ପ୍ରାଥମିକ ସମ୍ଭାଷଣ ପ୍ରଦାନ କରିଥିଲାବେଳେ ସାଧାରଣ ସଂପାଦକ ନିବାରଣ ଜେନା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ । ସୁବ୍ରତା କର ଧନ୍ୟବାଦ ଅର୍ପଣ କରିଥିଲେ ।

# ଗାଁ ଲୋକଙ୍କ ଅତ୍ୟାଚାରରେ ଘରଦ୍ୱାର ଛାଡି ୪ ମାସ ହେଲା ଭଡା ଘରେ ରହୁଛନ୍ତି ଏକ ଦମ୍ପତି



ବାଲିଆପାଳ,୧୬/୦୮ (ନି.ପ୍ର): ଏକ ବିଂଶ ଶତାବ୍ଦିରେ ଆଇନର ପରିସୀମା ଏବଂ ସମାଜର ଚିତ୍ର ବଦଳି ଥିଲେ ମଧ୍ୟ ଗାଁ ଗହଳିରେ ଏବେ ବି ଚାଲିଛି କଙ୍ଗାରୁ କୋର୍ଟ । ଦୁର୍ବଳ ଉପରେ ହେଉଛି ସବଳର ଅତ୍ୟାଚାର । ପ୍ରଶାସନ ଦେଇ ପାରୁନି ନ୍ୟାୟ କିମ୍ବା ସୁରକ୍ଷା । ଏହି ଭଳି ଏକ ଘଟଣାରେ ବାଲିଆପାଳ ବ୍ଲକ ଶ୍ରୀରାମପୁର ପଂଚାୟତ ନେପୁରା ଗ୍ରାମରେ ଏକ ପରିବାରକୁ ଗ୍ରାମବାସୀ ଏକ ଘରିଆ କରିଛନ୍ତି । ଗ୍ରାମବାସୀଙ୍କ ଅତ୍ୟାଚାରରେ ଘରଦ୍ୱାର ଛାଡି ୭ କି.ମି. ଦୂର ବାଲିଆପାଳରେ ଦିର୍ଘ ୪ ମାସ ଧରି ଏକ ଭଡା ଘରେ ରହୁଛନ୍ତି ଏକ ଦମ୍ପତି । ଗ୍ରାମବାସୀଙ୍କ ଭୟରେ ଏକ ମାତ୍ର ପୁଅର ବାହାଘର ମଧ୍ୟ ଗ୍ରାମରେ କରି ନପାରି ବାଲିଆପାଳରେ କରିବାକୁ ବାଧ୍ୟ ହୋଇଛନ୍ତି । ଆଜି ଏକ ସମ୍ବାଦିକ ସମ୍ମିଳନୀରେ ଏହି ଦମ୍ପତି ସେମାନଙ୍କ ଉପରେ ହେଉଥିବା ନିର୍ଯ୍ୟାତନାର କାହାଣୀ ବର୍ଣ୍ଣନା କରିଛନ୍ତି । ସୂଚନା ଅନୁସାରେ ନେପୁରା ଗ୍ରାମରେ ରହନ୍ତି ଅମୂଲ୍ୟ ଦେଙ୍କ ପରିବାର । ଅମୂଲ୍ୟଙ୍କ ପତ୍ନୀ ଅହଲ୍ୟା ଦେ ଦେଇଥିବା ବୟାନ ଅନୁସାରେ ତାଙ୍କର ବଡ ଝିଅ ହରିପ୍ରିୟା ୨୦ ବର୍ଷ ତଳେ ଏହି ଗ୍ରାମର ଗଦାଧର ଦେଙ୍କ ପୁଅ ରାଜୀବ ଦେ ଭଲ ପାଇ ବିବାହ କରିଥିଲେ । ବିବାହର କିଛି ଦିନ ପରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ଗ୍ରହଣ କରିଥିଲା । ଛୋଟ ପୁଅକୁ ହରିପ୍ରିୟା ନିଜ ବାପ ଘରେ ଛାଡି ଦିଲ୍ଲି ଚାଲିଯାଇଥିଲେ । ସେଠାରେ ରାଜୀବ ଏକ କମ୍ପାନିରେ ଭଲ ଦରମାର ଚାକିରୀ କରୁଥିଲେ । ପୁଅ ଅଜା ଘରେ ରହି ମ୍ୟାଟ୍ରିକ ପାସ କରିବା ପରେ ବାପା ମାଙ୍କ ପାଖକୁ ଦିଲ୍ଲି ଚାଲିଯାଇଥିଲା । ତେବେ ଗତ ୨୦୨୧ ଏପ୍ରିଲ ୧୧ରେ ରାଜୀବ ଦିଲ୍ଲିରେ ରହୁଥିବା ଫ୍ଲାଟରେ ଫାସୀ ଲଗାଇ ଆତ୍ମହତ୍ୟା କରିଥିଲେ । କିନ୍ତୁ ହରିପ୍ରିୟା ଏହି ଖବର ନିଜ ଶାଶୁ ଘରକୁ ଜଣାଇ ନଥିଲେ । ଦିଲ୍ଲିରେ ରହୁଥିବା ରାଜୀବଙ୍କର ଅନ୍ୟ ଜଣେ ଛୋଟ ଭାଇ ଦୁଇ ଦିନ ପରେ ଏହି ଖବର ଘରକୁ ପଠାଇ ଥିଲେ । ଦିଲ୍ଲିରେ ଶବ ପୋଷ୍ଟମର୍ଟମ ହେବା ପରେ ଗଦାଧରଙ୍କ ପରିବାର ସମେତ ଗ୍ରାମବାସୀ ରାଜୀବଙ୍କ ଶବକୁ ଗାଁକୁ ଆଣିବାକୁ ଚାହିଁଥିଲେ । କିନ୍ତୁ ଦିଲ୍ଲିରେ ରାଜୀବଙ୍କ ଅନ୍ତିମ ସତ୍କାର କରାଯାଇଥିଲା । ଗ୍ରାମରେ ରହୁଥିବା ନିଜ ମା ଅହଲ୍ୟାଙ୍କ ପ୍ରରୋଚନାରେ ପତ୍ନୀ ହରିପ୍ରିୟା ଦିଲ୍ଲିରେ ନିଜ ସ୍ୱାମୀଙ୍କୁ ହତ୍ୟା କରି ଫାସୀର ରୂପ ଦେଇଥିବା ଗ୍ରାମବାସୀ ସନ୍ଦେହ କରିଥିଲେ । ଅମୂଲ୍ୟ ଏବଂ ତାଙ୍କ ପତ୍ନୀ ଅହଲ୍ୟାଙ୍କୁ ଗ୍ରାମ୍ୟ ବିଚାରକୁ ଡାକି ହରିପ୍ରିୟା ଏବଂ ତାଙ୍କ ପୁଅକୁ ଗାଁକୁ ଡକାଇ ପ୍ରକୃତ ସତ୍ୟ ଉନ୍ମୋଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅମୂଲ୍ୟ କିନ୍ତୁ ଏଥିରେ ଅସମର୍ଥ ପ୍ରକାଶ କରିବାରୁ ତାଙ୍କ ଉପରେ ଅତ୍ୟାଚାର ଆରମ୍ଭ ହେଲା । ତାଙ୍କୁ ଘର ଛାଡି ଅନ୍ୟ ଆଡେ ରହିବାକୁ କୁହା ଗଲା । କିଛି ଦିନ ସେ ନିକଟସ୍ଥ ଖପରାପଦା ଗ୍ରାମରେ ଏକ ଭଡା ଘରେ ରହିଥିଲେ । ସେଠାରେ ମଧ୍ୟ ତାଙ୍କୁ ଗାଳି ଗୁଲଜ ଏବଂ ମାରିବାର ଧମକ ଦିଆ ଯିବାରୁ ଶେଷରେ ସେ ବାଧ୍ୟ ହୋଇ ବାଲିଆପାଳ ଯାଇ ଦିର୍ଘ ୪ ମାସ ହେଲା ଏକ ଭଡା ଘରେ ରହୁଛନ୍ତି । ଏପରିକି ତାଙ୍କର ରେସନ କାର୍ଡ ଥିଲେ ମଧ୍ୟ ତାଙ୍କୁ ରେସନ ଆଣିବାକୁ ଦିଆ ଯାଉ ନାହିଁ । ଗତ ଜୁନ ୨୬ରେ ସେ ଗାଁକୁ ରେସନ ସାମଗ୍ରୀ ଆଣିବାକୁ ଯାଇଥିବା ବେଳେ ଗଦାଧରଙ୍କ ସଞ୍ଜିବ ଦେ ଏବଂ ଆଉ କିଛି ବ୍ୟକ୍ତି ତାଙ୍କ ଉପରେ ଆକ୍ରମଣ କରିଥିଲେ । ଏ ନେଇ ସେ ବାଲିଆପାଳ ଥାନାରେ ଅଭିଯୋଗ କରିବା ପରେ ଥାନା କେସ ନଂ ୧୧୦/୨୧ ରେ ଏକ ମାମଲା ରୁଜୁ କରି ପୁଲିସ ଚୁପ ହୋଇ ବସିଛି । କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ । ଦିଲ୍ଲିରେ ଘଟିଥିବା ଘଟଣାକୁ ନେଇ ତାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଅମୂଲ୍ୟ ସହଜରେ ଗ୍ରହଣ କରି ପାରୁ ନାହାନ୍ତି । ନିଜ ବାଡିରେ ଲଗାଇ ଥିବା ଫଳ ପନିପରିବା ଏବଂ ଅନ୍ୟାନ୍ୟ ସାମଗ୍ରୀକୁ ଗ୍ରାମବାସୀ ନେଇଯିବାକୁ ବସିଲେଣି । ତାଙ୍କୁ ନ୍ୟାୟ ନ ମିଳିଲେ ବାଲେଶ୍ୱର ଏସ.ପିଙ୍କ ଅଫିସ ଆଗରେ ସ୍ୱାମୀଙ୍କ ସହ ଆତ୍ମ ଆହୁତୀ ଦେବେ ବୋଲି ଅହଲ୍ୟା ଆଜି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଅନ୍ୟ ପକ୍ଷରେ ଗଦାଧର ଦେଙ୍କ ପରିବାର ପକ୍ଷରୁ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରାଯାଇଛି । ହରିପ୍ରିୟା ନିଜ ମା ଅହଲ୍ୟା ସହିତ ମିଶି ଷଡଯନ୍ତ୍ର କରି ରାଜୀବଙ୍କୁ ଦିଲ୍ଲିରେ ହତ୍ୟା କରିଥିବା ଅଭିଯୋଗ କରିଛନ୍ତି ।

# ଓଡିଶା ମେଡିକାଲ କର୍ମରୀ ସଂଘ ପକ୍ଷରୁ ୭୫ତମ ସ୍ୱାଧିନତା ଦିବସ ପାଳିତ



ବାରିପଦା,୧୬/୦୮(ନି.ପ୍ର): ରବିବାର ପ୍ରାତଃ ୮ ଘଟିକା ସମୟରେ ଓଡିଶା ମେଡିକାଲ କର୍ମରୀ ସଂଘ ଗୃହଠାରେ ୭୫ତମ ସ୍ୱାଧିନତା ଦୀବସ ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀଯୁକ୍ତ ରୂପଭାନୁ ମିଶ୍ର ପତାକା ଉତ୍ତୋଳନ କରିଥିଲେ ଏବଂ କିରୀରୁ ଅବସର ନେଇଥିବା ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ରାଉତଙ୍କର ଅବସର ବିଦାୟ କାଳିନ ସମ୍ବୋର୍ଦ୍ଧନା ଜ୍ଞାପନ କରାଯାଇଥିଲା ଏହି ଅବସରରେ ସଂଘର ସମସ୍ତ କର୍ମକର୍ତ୍ତା, ସମ୍ପାଦକ, ଶୁଶିଲ କୁମାର ସାହୁ, ସହ-ସମ୍ପାଦକ ଦିଲିପ କୁମାର ମିଶ୍ର, କୋଷାଧକ୍ଷ ସୁବୋଧ କୁମାର ଜେନା, କର୍ମକର୍ତ୍ତା ସନ୍ତୋଷ କୁମାର ନାୟକ, ବିଶେଶଙ୍କର କଲିଆ, ମହେନ୍ଦ୍ର ପଲେଇ, ଜଳନ୍ଦର ମିଶ୍ର, ପ୍ରଭାସ ଦେ, ଅଜନ୍ତା ଷାଠିଆ, ସମବାରୀ ମୁର୍ମୁ, ପ୍ରଭାସ ମହାଭୋଇ, ସୁଚିସ୍ମିତା ମହାକୁଡ୍, ପ୍ରଶାନ୍ତ ଜେନା, ପ୍ରଜ୍ଞାସାମନ୍ତ ରାୟ, ବିଜୟ ମୁଖୀ ଓ ଲକ୍ଷ୍ମୀପ୍ରିୟା ମହାନ୍ତ ପ୍ରମୁଖଙ୍କର ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

